ଶ୍ୟାମ୍ ମେଟାଲିକ୍ସର ମନମାନି

# ରାସ୍ତାରେ ଭାରିଯାନ ପାର୍କିଂ: ଲୋକଙ୍କ ଜୀବନ ସହ ଖେଳ

ରେଙ୍ଗାଲି, ୧।୬(ସମିସ)

ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସୱେ ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇ ନିକଟ ଶ୍ୟାମ୍ ମେଟାଲିକ୍ସ କମ୍ପାନୀର ବେଆଇନ ଭାରୀଯାନ ପାର୍କିଂ ଯୋଗୁଁ ଶନିବାର ପୁଣି ଏକ ମୁଣ୍ଡ ଗଡ଼ିଛି। ବାରମ୍ବାର ରାସ୍ତା ଉପରେ ଓ ରାସ୍ତା କଡ଼ରେ କମ୍ପାନୀ ତାର ଭାରୀଯାନ ଗୁଡ଼ିକ ପାର୍କିଂ କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। କମ୍ପାନୀକୁ ପ୍ରଶାସନ ଓ ରାସ୍ତା ଦାୟିତ୍ୱ ଥିବା ଏଲ୍ଏଣ୍ଡ ଟି କମ୍ପାନୀ ତାଗିଦ କରିବା ପରେ ମଧ୍ୟ ଶ୍ୟାମ ମେଟାଲିକ୍ସ କମ୍ପାନୀ ଖାତିର କରୁନାହିଁ। ତେଣୁ କରି ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। କମ୍ପାନୀ ତାର ସ୍ୱଭାବରେ ପରିବର୍ତ୍ତନ ନ କରିବାକୁ ଏକ ପରିବାର ଆଜି ଛାରଖାର ହୋଇଯାଇଛି। ଆଖି ପିଛୁଳାକେ ଗୋଟିଏ ପରିବାର ମୁରବିଙ୍କ ମୃତ୍ୟୁ ଘଟିଛି। ଆଜି ସକାଳ ୭ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକରେ ଯାଉଥିବା ବେଳେ ଏକ ଟ୍ରକ ପଛ ପଟୁ ଧକ୍କା ଦେବାରୁ ଉଭୟ ବାଇକ ଆରୋହୀ ଛିଟିକି ପଡ଼ିଥିଲେ। ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ର ତୁଷାର ରଞ୍ଜନ ପାଣିଗ୍ରାହୀ ଓ ସ୍ତ୍ରୀ ସୁବ୍ରାନି ପଣ୍ଡା ଓଡି୧୬କେ୦୭୬୫ ବାଇକରେ ସମ୍ବଲପୁର ଆସୁଥିବା ବେଳେ ଏହି ଘଟଣା ଘଟିଥିଲା। ପଣ୍ଡଲୋଇ ନିକଟରେ ଏକ ଟ୍ରକ ଦୃତ ଗତିରେ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ ତୁଷାରଙ୍କ ହାତ କଟି ଯିବା ସହ ଗୁରୁତର ଆହତ ହୋଇଥିଲେ। ଗାଡିରୁ ଛିଟିକି ପଡ଼ି ସ୍ତ୍ରୀ ଶିବାନୀ



**ଦୁର୍ଘଟଣାରେ ପୁଣି ଗଡ଼ିଲା ଜଣକ ମୁଣ୍ଡ, ଜଣେ ଗୁରୁତର**

ମଧ୍ୟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ରେଙ୍ଗାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବୁର୍ଲା ଡାକ୍ତରଖାନା ପଠାଇଥିଲା। ସେଠାରେ ତୁଷାରଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ମୃତ୍ୟୁଶହ ସଂଗ୍ରାମ କରୁଛନ୍ତି। ପୁଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରିବା ସହ ଫେରାର ଗାଡ଼ିକୁ ଖୋଜୁଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଶ୍ୟାମ ମେଟାଲିକ୍ସ ଯୋଗୁଁ ଏଭଳି ଦୁର୍ଘଟଣା ହେଉଥିବାରୁ କମ୍ପାନୀକୁ ଦାୟି କରିଥିଲେ। କମ୍ପାନୀ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରୁ ନଥିବା ବେଳେ ରାସ୍ତାକୁ ପାର୍କିଂ ସ୍ଥଳ ଭାବରେ ବ୍ୟବହାର କରି ଦିନରାତି ଶହ ଶହ ଟ୍ରକ ରଖୁଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଫିସରୁ ସମସ୍ତ କମ୍ପାନୀକୁ ନିଜ ପାର୍କିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଜୁ ଏକ୍ସପ୍ରେସ ୱେରେ ଲୋକମାନଙ୍କ ଯାତାୟତରେ ଏହି କମ୍ପାନୀ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବେଳେ ରାସ୍ତା ଅବରୋଧ କାରଣ ଯୋଗୁଁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ରାସ୍ତାରେ ଗାଡି ପାର୍କିଂ ଏକ ବଡ଼ ସମସ୍ୟା ହୋଇଛି। ଜିଲ୍ଲା ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେଇ ଅକାରଣରେ ଛଡ଼ି ପଡୁଥିବା ନିରିହ ଲୋକଙ୍କ ଜୀବନ ରକ୍ଷା କରିବାକୁ ଆଗେଇ ଆସିବା ସହିତ ରାସ୍ତା ଉପରୁ ବେଆଇନ ପାର୍କିଂ ହଟାଇବାକୁ କଡ଼ା ପଦକ୍ଷେପ ନେବାକୁ ଦାବି ହେଉଛି।

# ଅମଳ ବେଳେ ଚାଷୀଙ୍କୁ କାଳ ଅଦିନିଆ ବର୍ଷା

## ମିଲର୍ସଙ୍କୁ ସୁହାଇବ ବର୍ଷା, ବଢ଼ିବ କଟ୍‌ନି ଛଟ୍‌ନି

**ସମ୍ବଲପୁର, ୧।୬(ସମିସ):** ରବି ଫସଲ ଅମଳ ପ୍ରାୟ ମଧ୍ୟମ ଭାଗରେ ରହିଛି। ପ୍ରାୟ ଏକ ମାସ ଭିତରେ କିଛି ଦିନ ବ୍ୟବଧାନ ଭିତରେ ଅଦିନିଆ ବର୍ଷା ଲାଗି ରହୁଛି। ଫଳରେ ଧାନ ଅମଳ ବେଳେ ସମସ୍ୟା ସୃଷ୍ଟି କରୁଛି। ଧାନ ଗଛ ପାଣିରେ ଭିଜି ନଷ୍ଟ ହୋଇଯାଉଛି। ଚୁନା ଧାନ ଗଜା ହୋଇଯିବ ବୋଲି ଚାଷୀମାନେ କହୁଛନ୍ତି। ଶନିବାର ସନ୍ଧ୍ୟାରେ ବର୍ଷା ଓ ପବନ ଚାଷୀଙ୍କୁ ଆତଙ୍କିତ କରିଛି। ଅଧିକାଂଶ ଚାଷୀ ଧାନ ଅମଳ କରି ପାରି ନାହାନ୍ତି। ବିଲରେ ଥିବା ବେଳେ ଖଳାରେ ଧାନ ପଡ଼ି ରହିଛି। ଏବେ କଟନି ଛଟନି କରିବାକୁ ମିଲର୍ସଙ୍କୁ ସୁବିଧା ହୋଇଯିବ ବୋଲି ଅଭିଯୋଗ ହେଉଛି। ଜିଲ୍ଲାରେ ମେ ୧୦ ତାରିଖ ଠାରୁ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି। ପ୍ରାୟ ୬୦ ପ୍ରତିଶତ ଧାନ ସଂଗ୍ରହ ହୋଇ ସାରିଛି। ଏବେ ଛୋଟ ଚାଷୀ ଓ କେତେକ ବଡ଼ ଚାଷୀଙ୍କ ଧାନ ଅମଳ ପାଇଁ ବାକି ରହିଛି। ଅନ୍ୟପଟେ ଅଦିନିଆ ବର୍ଷା, ପାଣିପାଗକୁ ଭୟ କରି ଚାଷୀ ତରବରିଆ ଭାବେ ଧାନ ସଂଗ୍ରହ କଲେ ମଧ୍ୟ ସରୁ ନାହିଁ। ଆଜିର ବର୍ଷା ପରେ ଧାନ ଚାଷୀ ୬ ମାସର ଅମଳ କିପରି ଭାବେ ବିକ୍ରି କରିବେ ସେନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ପ୍ରଥମେ ଚକଡା ଓ ଅନ୍ୟ ରୋଗ ପୋକରେ ଫସଲ କ୍ଷତି ହୋଇଥିଲା। ଯାହା ବଞ୍ଚିଥିଲା ଏବେ ଅଦିନିଆ ବର୍ଷା ଦ୍ୱାରା ନଷ୍ଟ ହେବା ଆଶଙ୍କା ରହିଛି ବୋଲି ଚାଷୀ ଦେବେନ୍ଦ୍ର ପ୍ରଧାନ କହିଛନ୍ତି। ଚଳିତ ବର୍ଷ ରବି ଋତୁ ପାଇଁ ୧୫ ହଜାରରୁ ଅଧିକ ଚାଷୀ ଅନଲାଇନରେ ପଞ୍ଜିକରଣ କରିଛନ୍ତି। ସମସ୍ତ ଡାଟା ଅନଲାଇନରେ ଅପଲୋଡ଼ ହୋଇଛି। ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ସମୁଦାୟ ୬୧ଟି ମଣ୍ଡି ଖୋଲାଯାଇଛି। ଏଥିରେ ୪୬ରୁ ଅଧିକ ମିଲର ଅଂଶଗ୍ରହଣ କରିଥିବା ବେଳେ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ୨୦୨୩-୨୪ ରବି ଋତୁରେ ଜିଲ୍ଲାର ୧୫ ହଜାର ୫୩୪ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ ହୋଇଥିଲେ। ଗତ ରବି ଋତୁରେ ୧୪ ହଜାର ୩୯୦ ଜଣ ଚାଷୀଙ୍କ ଠାରୁ ୧୨ ଲକ୍ଷ ୪୩ ହଜାର ୨୨ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା।

# ମାଟ୍ରିକ୍ ପରୀକ୍ଷାରେ 'ଏ-୧' ପାଇଥିବା ଧନକଉଡ଼ା ବ୍ଲକର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ସମ୍ବଲପୁର, ୧।୬(ସମିସ):** ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଧନକଉଡା ବ୍ଲକର ଛାତ୍ରଛାତ୍ରୀମାନେ ସର୍ବାଧିକ ମାର୍କ ରଖି ବିଦ୍ୟାଳୟ ତଥା ଧନକଉଡା ବ୍ଲକର ଗୌରବ ବୃଦ୍ଧି କରିଛନ୍ତି। ଏହି ପରିପେକ୍ଷୀରେ ଧନକଉଡା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବାଲିବନ୍ଧା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଦଶମ ଶ୍ରେଣୀ ପରୀକ୍ଷାରେ 'ଏ ୱାନ୍' ଗ୍ରେଡ ରଖିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରିଣୀ ମିନାରାଣୀ ମଙ୍ଗଳ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଧନକଉଡା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ସୁଜିତ ଲୁହା, କରନ ଶର୍ମା, ସିନି ବଡ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ସମ୍ବଲପୁର ଜିଲ୍ଲା ଟପ୍ପର ତଥା ଧନକଉଡା ବ୍ଲକ ଟପ୍ପର୍ ହୋଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିବନ୍ଧାର ଛାତ୍ରୀ ସୀମା ଖାତୁନ, ଲେଡିଲୁଇସ ବାଳିକା ବିଦ୍ୟାଳୟର ଲକ୍ଷ୍ମୀପିୟା ରାଉତ, ସରସ୍ୱତୀ ବିଦ୍ୟା ମନ୍ଦିର ଘୁଡୁକାଟିକିରାର ଜସ୍ମିନ ସାହୁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସିଦ୍ଧେଶ୍ୱର ବର୍ଣ୍ଣାର ଆୟୁଷ ପଟ୍ଟନାୟକ, ସରସ୍ୱତୀ ବିଦ୍ୟାମନ୍ଦିରର ଏମ ସୁସ୍ମିତା ଓ ଶୁଭଶ୍ରୀ ଶତପଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଛାତ୍ରଛାତ୍ରୀମାନେ ଧନକଉଡା ବ୍ଲକର ଗୌରବ ଅଟନ୍ତି। ସେମାନେ ଏଭଳି ପରିଶ୍ରମ କରି ଆହୁରି ଆଗକୁ ବଢ଼ନ୍ତୁ। ନିଜ ଅଞ୍ଚଳ, ବିଦ୍ୟାଳୟର ନାଁ ରଖନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପୃଷ୍ଟି ମଞ୍ଚ ପରିଚାଳନା କରିଥିବାବେଳେ ସିଆରସିସି ରାଧେଶ୍ୟାମ ରଣା, ଶୁଭଶ୍ରୀ ରାୟ, ବେଞ୍ଜୁ ରାଣୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଅପହଞ୍ଚ ଇଲାକାରେ ମୋବାଇଲ୍ ଟାୱାର କାର୍ଯ୍ୟକ୍ଷମ

**ରେଢ଼ାଖୋଲ, ୧।୬(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ନେଟୱାର୍କ ସେବା ଆସୁନଥିଲା। ସ୍କୁଲ କଲେଜ ପିଲାଙ୍କ ଠାରୁ ସାଧାରଣ ଜୀବନ ପ୍ରଭାବିତ ହେଉଥିଲା। ଏହାକୁ ନେଇ ସ୍ଥାନୀୟ ଲୋକମାନେ ବାରମ୍ବାର ଦାବି କରି ଆସୁଥିଲେ। କିସିଣ୍ଡା ନିକଟସ୍ଥ ଧୋଲପୁର ଛକରେ ଫୋର୍-ଜି କନେକ୍ସନ ଯୋଡୁ ଥିବା ଦେଖା ଦେଇଥିଲା। ଟେଲିକମ ଏସଡିଓ ମିହିର କୁମାର ସାହୁ ପ୍ରତିକ୍ରିୟାରେ କହିଛନ୍ତି ଗତକାଲି ଫୁଲକୁସୁମ୍ ଟାୱାର କାର୍ଯ୍ୟକ୍ଷମ କରାଯାଇଛି। ଆସନ୍ତାକାଲି ହିରାଲୋଇ କାଙ୍କଦର୍ କାର୍ଯ୍ୟକ୍ଷମ



ହେବ ବୋଲି କହିଛନ୍ତି। ଟେକ୍ନିସିଆନ ଚିତ୍ତରଞ୍ଜନ ପତି ଏବଂ ପରଦେଶୀ ପ୍ରଧାନ ଉପସ୍ଥିତ ରହି ଏହି କାର୍ଯ୍ୟ କରିଥିଲେ। ବିଭାଗୀୟ ଅଧିକାରୀ କର୍ମକର୍ତ୍ତା ଓ ଗଣମାଧ୍ୟମ ଭୂମିକାକୁ ଅଞ୍ଚଳର ଜନସାଧାରଣ ପ୍ରଶଂସା କରିଥିଲେ। କିସିଣ୍ଡା ଗ୍ରାମ ପଞ୍ଚାୟତର ମାଛୁଡ଼ିହ, ଖମାରବାହାଲ, ଭୋଇପଡ଼ା, ପୁଟକିଆମ, ମୋହନଡ଼ିହ ଏବଂ ଜୁଜୋମୁରା ବ୍ଲକର ମେଘପାଲ ଗ୍ରାମପଞ୍ଚାୟତର ମଧ୍ୟବର୍ତ୍ତୀ ଅଞ୍ଚଳ ଘୁସରିଆବହାଲ, ଲୋଇକେର, ଟପୋପଡ଼ା, ତେଲି କଟେଇ, ଟାମ୍ପେରସିଂହା ଦଶଟି ଗ୍ରାମର ଶଶତାଧିକ ଲୋକ ଅପହଞ୍ଚ ଅଞ୍ଚଳ ମୋବାଇଲ ସେବାରୁ ବଞ୍ଚିତ ଥିଲା

# ଚାଷଜମିରୁ ଯୁବକଙ୍କ ମୃତଦେହ ଉଦ୍ଧାର

## କୁଚିଣ୍ଡାରେ ଘର, ହତ୍ୟା ସନ୍ଦେହ

## କାମ ପାଇଁ ତାମିଲନାଡୁ ଯାଉଥିବା କହି ଘରୁ ଆସିଥିଲେ

**ତରଭା, ୧।୬(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ଜଣେ ଯୁବକଙ୍କ ଶବ ପ୍ରାୟ ୨୦୦ କିମି ଦୂର ତରଭା ବ୍ଲକ ବାଲିଖମାର ଗ୍ରାମର ଏକ ଚାଷ ଜମିରୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ କୁଚିଣ୍ଡା ନିବାସୀ ପାଣ୍ଡକୋ କଉଡ଼ିଙ୍କ ପୁଅ ମିଥୁନ କଉଡ଼ି (୨୨)। ବାଲିଖମାର ନିବାସୀ ସୁରେନ୍ଦ୍ର ରଣାଙ୍କ ଚାଷ ଜମିରେ ଜଣେ ଯୁବକ ମରି ପଡ଼ିଥିବା ପୁଲିସକୁ ଖବର ମିଳିଥିଲା। ଖବର ପାଇ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ମୃତକଙ୍କ ନିକଟରୁ ମିଳିଥିବା ମୋବାଇଲରୁ ପୁଲିସ ପରିଚୟ ଜାଣିବାକୁ ସହଜ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ୪/୫ ଦିନ ପୂର୍ବରୁ ଯୁବକଙ୍କ ମୃତ୍ୟୁ ଘଟିଥିବା ପୁଲିସ ଅନୁମାନ କରୁଛି। ତାମିଲନାଡୁ କାମ କରିବା ପାଇଁ ଯାଉଥିବା କହି ସେ ଘରୁ ଆସିଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ତେବେ ମିଥୁନଙ୍କ ମୁଣ୍ଡ ଓ ଛାତିରେ ଆଘାତ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ପୁଲିସ ଏ ସମ୍ବନ୍ଧରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଳିଙ୍ଗ କଲେଜର ସଫଳତା



**ରେଢ଼ାଖୋଲ, ୧।୬(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶ ପାଇଥିବା ଯୁକ୍ତଦୁଇ ବିଜ୍ଞାନ ଓ କଳା ବିଭାଗରେ ରେଢ଼ାଖୋଲ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ଶତ ପ୍ରତିଶତ ରେଜଲ୍ଟ ହାସଲ କରି ଏ ଅଞ୍ଚଳରେ ରେକର୍ଡ ସୃଷ୍ଟି କରିଛି। ଏଥିରେ ବିଜ୍ଞାନ ବିଭାଗରେ ସର୍ବ ମୋଟ ୮୧ ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୫୮ ଜଣ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ୨୧ ଜଣ ପିଲା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଛାତ୍ରୀ ମାନେ କଲେଜ୍ ପାଇଁ ଗୌରବ ଆଣିଛନ୍ତି। ଏହା ଛଡ଼ା କଳା ବିଭାଗରେ ଶତ ପ୍ରତିଶତ ଛାତ ଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ କରି କଲେଜ୍ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଗତ ସାତ ବର୍ଷ ଧରି ଲଗାତାର ଭାବେ ରେଢ଼ାଖୋଲ କଳିଙ୍ଗ କଲେଜ୍ ଏମିତି ଆଶାନୁ ରୂପକ ଫଳାଫଳ କରି ଅଭିଭାବକ ତଥା ଛାତ୍ର ଛାତ୍ରୀଙ୍କ ପାଇଁ ଭରସା ଯୋଗ୍ୟ ହୋଇପାରିଛି। ଚଳିତ ବର୍ଷର ଅଭୁତପୂର୍ବ ସଫଳତା ପାଇଁ କଲେଜର ଅଧ୍ୟକ୍ଷ ପ୍ରକାଶ କୁମାର ନାୟକ ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ସାଧୁବାଦ ଦେବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କୁଚିଣ୍ଡା ଡାକ୍ତରଖାନାରେ ବିଦ୍ୟୁତ୍ ବିଭ୍ରାଟ

**କୁଚିଣ୍ଡା, ୧।୬(ସମିସ):** କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଗତ ଦୁଇ ଦିନ ଧରି ବିଦ୍ୟୁତ ବିଭ୍ରାଟ ଲାଗି ରହିବା ଫଳରେ ପ୍ରବଳ ଗରମରେ କାର୍ଯ୍ୟରତ ଡାକ୍ତରଙ୍କ ସହ ରୋଗୀ ମାନେ ବିନାହିଁ ନ ଥିବା ହଇରାଣ ହୋଇଛନ୍ତି। ଗତ ଦୁଇ ଦିନ ହେବ କୁଚିଣ୍ଡା ଡାକ୍ତରଖାନାରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇ ଯାଇଛି। ଏହାକୁ ସଜାଡିବାରେ ବିଳମ୍ବ ହେଉଛି। ଅନ୍ୟପଟେ ଜେନେରେଟର ସଂଯୋଗରେ କାର୍ଯ୍ୟକ୍ଷମ କରିବାରେ ବିଫଳତା ଯୋଗୁଁ ଶନିବାର ଦିନ ସକାଳୁ ଚିକିତ୍ସା ପାଇଁ ହସପିଟାଲକୁ ଆସିଥିବା ରୋଗୀ ଚିକିତ୍ସାରେ ଡାକ୍ତରଙ୍କୁ ସମସ୍ୟା ହୋଇଥିଲା। ପ୍ରବଳ ଗରମରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଡାକ୍ତର ମାନେ ମଧ୍ୟ ପ୍ରବଳ ଗରମରେ ସନ୍ତୁଳି ହୋଇ ପଡୁଥିଲେ। ଏହି ଅସୁବିଧା ସମ୍ପର୍କରେ କୁଚିଣ୍ଡା ଏସଡିଏମଓ ଡ. ସୁବୋଧ ନାୟକଙ୍କୁପଚାରିବାରୁ ସେ କହିଲେ ଯେ, କେବୁଲରେ ତ୍ରୁଟି ଥିବା ଯୋଗୁଁ ଏହି ଅସୁବିଧା ହୋଇଛି। ଜେନେରେଟର ସଂଯୋଗ ସେହି କେବୁଲରେ ଥିବାରୁ ଜେନେରେଟର ମଧ୍ୟ କାମ କରୁନାହିଁ। ଏକ ଉପଖଣ୍ଡ ସ୍ଥରୀୟ ହସପିଟାଲରେ ଜେନେରେଟର ସଂଯୋଗରେ ବିଫଳତା ନିହାତି ଭାବେ ପ୍ରଶାସନିକ ବିଫଳତା ବୋଲି ଜନସାଧାରଣରେ ଅଭିଯୋଗ ହେଉଛି।

# ଗ୍ରୀଷ୍ମପ୍ରବାହ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ କରିବାକୁ ଦାବି

**ସମ୍ବଲପୁର, ୧।୬(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସକାଳ ୮ ଟା ପରେ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଅଂଶୁଘାତର ଶିକାର ହୋଇ ଲୋକଙ୍କ ପ୍ରାଣହାନୀ ଘଟୁଛି। ଅତି ଆବଶ୍ୟକ ନହେଲେ ଘରୁ ନବାହାରିବାକୁ ସରକାରୀ ଆଦେଶ ରହିଥିବାବେଳେ ଅଙ୍ଗନବାଡି କେନ୍ଦ୍ର ଏଥିରୁ ବାଦ ପଡ଼ିଥିବା ଅଭିଯୋଗ କରିଛି ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ। ଅଙ୍ଗନବାଡି କେନ୍ଦ୍ର ଖୋଲାରଖିବା ଯୋଗୁଁ ଶିଶୁ ଏବଂ ଅଙ୍ଗନବାଡି କର୍ମୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଆହୁରି ଗ୍ରୀଷ୍ମ ପ୍ରବାହ ଓ ତାତି ବୃଦ୍ଧି ହେବବୋଲି ସୂଚନା ମିଳିଛି। କେତେକ ସ୍ଥାନରେ ଶିଶୁବି ଆକ୍ରାନ୍ତ ହେଉଥିବା ସୂଚନା ମିଳୁଛି। ଏହି ସବୁକୁ ଦୃଷ୍ଟି ଦେଇ ଅଙ୍ଗନବାଡି କେନ୍ଦ୍ରକୁ ସାମୟିକ ଭାବେ ବନ୍ଦ କରିବା ବ୍ୟବସ୍ଥା ସରକାର ଓ ପ୍ରଶାସନ କରିବାକୁ ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଦାବି କରାଯାଇଛି। ତେଣୁକରି ଶିଶୁ ଓ ଅଙ୍ଗନାବାଡି କର୍ମୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଙ୍ଗନବାଡି କେନ୍ଦ୍ରକୁ ବନ୍ଦ କରିବାକୁ ଦାବି କରିଛି ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ। ସଂଘର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢ଼ୀ, ଜିଲ୍ଲା ସଭାନେତ୍ରୀ ଦିଶିଲା ଧୁରୁଆ, ହେମାଦ୍ରି ପ୍ରଧାନ, ମଞ୍ଜୁଲତା ମାଝୀ, ଶାନ୍ତି ଲତା ପଟେଲ, ରତ୍ନ ମଣି ସାହୁ, ଦ୍ରୌପଦୀ ଗଉଡ, ନିରସି ବାରିକ୍, ଜୋସ୍ନା ଖରସେଲ, ଶାନ୍ତିଲତା କୁମୁରା, କଳ୍ପନା ବାଗ, ଉତ୍ତର ସିଂହ ବରିହା, ଅନୀତା ସମାଦ ପ୍ରମୁଖ ଦାବି କରିଥିଲେ। ଦାବି ସମ୍ପର୍କୀତ ସ୍ମାରକ ପତ୍ର ମହିଳା ଓ ଶିଶୁ ବିକାଶ ସଚିବ, ନିର୍ଦ୍ଦେଶକ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଜିଲ୍ଲାପାଳ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀଙ୍କୁ ପ୍ରଦାନ କରିଥିଲେ।




ଜୀବନକୁ ବାଜି ଲଗାଉଛନ୍ତି ହାତୀ ସ୍ୱତନ୍ତ୍ର ସ୍କ୍ୱାଡ୍

# ଜଙ୍ଗଲ ସୁରକ୍ଷା ସହ ରୋକୁଛନ୍ତି ହାତୀ-ମଣିଷ ଲଢ଼େଇ

ସମ୍ବଲପୁର, ୧। ୬(ସମିସ)

ସରକାରଙ୍କ ପକ୍ଷରୁ ହାତୀ ସୁରକ୍ଷା ପାଇଁ ଗଜ ସାଥୀ, ଗଜ ସୁରକ୍ଷା, ସୌର ତାରବାଡ଼ ଭଳି ଅନେକ ଯୋଜନା ହାତକୁ ନେଇଛନ୍ତି। ଗଜ ଉତ୍ସବ ଅଭିଯାନ ମଧ୍ୟ





କରାଯାଉଛି। ହାତୀଙ୍କ ଖାଦ୍ୟ ଓ ବଜ୍ରପାତରୁ ରକ୍ଷା କରିବା ପାଇଁ ଜଙ୍ଗଲରେ ତାଳ ଗଛ ଲଗାଇବା ପାଇଁ ବନ ବିଭାଗ ଯୋଜନା କରୁଥିବା ବେଳେ ଜଙ୍ଗଲରେ ବ୍ୟାପକ ଗଛ ଲଗାଯାଉଛି। ତଥାପି ହାତୀଙ୍କ ଖାଦ୍ୟ ଅଭାବ ହେଉଥିବାରୁ ସେମାନେ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି। ଫଳରେ ହାତୀ-ମଣିଷ ମୁହାଁମୁହିଁ ହେଉଛନ୍ତି। ଏହାକୁ ରୋକିବା ପାଇଁ ପ୍ରତି ରେଞ୍ଜରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ଏଥିରେ ସ୍ଥାନୀୟ ଗ୍ରାମର ଯୁବକ ମାନଙ୍କୁ ନିୟୋଜିତ କରାଯାଉଛି। ସେମାନେ ରୋଜଗାରକ୍ଷମ ହେବା ସହିତ ହାତୀ ଓ ମଣିଷଙ୍କୁ ସୁରକ୍ଷା ଦେବା କାମରେ ଲାଗୁଛନ୍ତି। ଜଙ୍ଗଲରୁ ଜନବସତିକୁ ହାତୀପଲ ନଆସିବା ପାଇଁ ୨୪ ଘଣ୍ଟିଆ ହାତୀର ଗତିବିଧି ଉପରେ ଏମାନେ ନଜର ରଖିଛନ୍ତି। ହାତୀପଲ ଥିବା ଜଙ୍ଗଲ ଭିତରକୁ ଯିବାକୁ ଲୋକଙ୍କୁ ମଧ୍ୟ ମନା କରୁଛନ୍ତି। ସବୁଠାରୁ ବଡ଼ କଥା ୨୪ ଘଣ୍ଟା ପହରା ଦେବା ଯୋଗୁଁ ଜଙ୍ଗଲର ମୂଲ୍ୟବାନ ଗଛ ଗୁଡିକ ସୁରକ୍ଷିତ ଭାବେ ରହୁଛି। ସମ୍ବଲପୁର ବନଖଣ୍ଡ ସଦର, ପଡ଼ିଆବାହାଲ ଓ ଧମା ରେଞ୍ଜ ଅଧିନରେ ହାତୀ ଉପଦ୍ରବ କରୁଥିବା ନେଇ ଅଭିଯୋଗ ହୋଇ ଆସିଥାଏ। ହେଲେ କିଛି ଦିନ ହେଲା ହାତୀପଲର ଆତଙ୍କ କମିଯାଇଥିବା ଦେଖା ଦେଇଛି। ଗ୍ରାମ ମୁହାଁ ହାତୀ ନ ହେବା ପଛରେ ନିୟୋଜିତ ସ୍ୱତନ୍ତ୍ର ସ୍କ୍ୱାର୍ଡଙ୍କ ଭୂମିକା ଅଧିକ ଥିବା ବିଶେଷଜ୍ଞ ମାନେ କହୁଛନ୍ତି। ହାତୀସ୍କ୍ୱାର୍ଡ ସଂଖ୍ୟା ବୃଦ୍ଧି କରିବାକୁ ମଧ୍ୟ ପରିବେଶବିତ ମାନେ ଦାବି କରିଛନ୍ତି। ଆବଶ୍ୟକ ଗାଡି, ଲାଇଟ୍, ଜୋତା ଭଳି ସମସ୍ତ ସୁବିଧା ଯେତେ ଦିଆଯାଉଛି ତାହା ଠାରୁ ଅଧିକ ପରିମାଣରେ ଯୋଗାଇ ଦେବାକୁ ମଧ୍ୟ ଦାବି ହେଉଛି। ସଦର ରେଞ୍ଜ ଓ ପଡ଼ିଆବାହାଲ ରେଞ୍ଜ ଗ୍ରାମ ଗୁଡିକରେ ଦନ୍ତା ହାତୀ ସହ ହାତୀପଲ ଆତଙ୍କ ଖେଳାଇଥିଲେ। ଯୁଯୋମୁରା ବ୍ଲକରେ ହାତୀ ଆତଙ୍କରେ ଆତଙ୍କିତ ରହୁଥିଲେ ଗ୍ରାମବାସୀ। ଏକ ବଣୁଆ ହାତୀ ପ୍ରତ୍ୟେକ ଦିନ ଗାଁକୁ ଆସି ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ବସ୍ତାବସ୍ତା ଧାନ ଚାଉଳ ଖାଇଦେଉଥିଲା। ଯାହାକୁ ନେଇ ବନ ବିଭାଗ ଓ ଗ୍ରାମାବସୀ ମୁହାଁ ମୁହିଁ ହୋଇଥିଲେ। ଦନ୍ତା ହାତୀର ଉପଦ୍ରବ ଅସହ୍ୟ ହୋଇପଡ଼ିଥିଲା। ବିଗତ ୫ ମାସ ହେଲା ଏହି ଦନ୍ତା ହାତୀଟି ଉପଦ୍ରବ କରି ଆସୁଛି। ଲୋକଙ୍କୁ ଦେଖିଲେ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲା। ବନଖଣ୍ଡ ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ହାତୀଟିକୁ ଟ୍ରାଙ୍କୁଲାଇଜ କରିବା ପାଇଁ ଚେଷ୍ଟା କରାଯାଇଥିଲା। ଟିମ ମଧ୍ୟ ଆସିଥିଲେ ହେଲେ ବର୍ଷା ହେବାରୁ ତାର ଲୋକେସନ ଟ୍ରେସ ହୋଇ ନପାରିବାରୁ ଟ୍ରଙ୍କୁଲାଇଜ କରାଯାଇ ପାରିନଥିଲା। ଏହି ହାତୀଟିକୁ ଟ୍ରାଙ୍କୁଲାଇଜ କରାଯାଇ ୩ ମାସ ପାଇଁ ତାର ମାନସିକ ସ୍ଥିତି ଓ ହାବଭାବ ଆଚରଣ ନିରୀକ୍ଷଣ କରି ଅନୁଧ୍ୟାନ କରାଯିବ ବୋଲି ବନ ବିଭାଗ କହିଥିଲା। ହେଲେ ଏବେ ଏହି ଦନ୍ତା ହାତୀଟି ଜଙ୍ଗଲ ଭିତରେ ହାତୀପଲ ସହିତ ରହୁଛି। ଜନବସତିକୁ ଆଉ ଆସୁ ନାହିଁ। ହାତୀପଲ ଆସୁଥିବା ସମୟରେ ସତନ୍ତ୍ର ସ୍କ୍ୱାର୍ଡ ଘୋଉଡ଼ାଇବାରେ ସଫଳ ହେଉଛନ୍ତି। ତେଣୁ ହାତୀ ଆତଙ୍କ କମି ଯାଇଛି। ନିଜ ଜୀବନକୁ ବାଜି ଲଗାଇ ହାତୀ ଟେକ୍ରରମାନେ କାମ କରୁଛନ୍ତି। ବେଳେ ବେଳେ ଏହି ସତନ୍ତ୍ର ସ୍କ୍ୱାର୍ଡ ହାତୀପଲ ସହିତ ମୁହାଁ ମୁହିଁ ହୋଇ ଯାଉଛନ୍ତି। ପାଟ୍ରୋଲିଂ କରୁଥିବା ସମୟରେ ହାତୀପଲ ସତନ୍ତ୍ର ସ୍କ୍ୱାର୍ଡଙ୍କ ଗାଡ଼ିକୁ ମଧ୍ୟ ଅଟକାଇ ଭାଙ୍ଗି ଦେଇଥିବା ଭଳି ଘଟଣା ଘଟିଥିବା ଜଣାଯାଇଛି।



# PINNACLE CLASSES SAMBALPUR

Fresher JEE- MAINS 2024
98.06 Percentile
SAHIL PATRA

GROWTH COMPARISIONS
OUTSTANDING GROWTH OVER 10TH MARKS

| STREAM | NAME | 12th % | 10th % | GROWTH |
|---|---|---|---|---|
| SCIENCE | ARPITA PARIDA | 74.67 | 63.00 | 11.67 |
| SCIENCE | SOYEAS MAHAKUR | 72.00 | 64.00 | 8.00 |
| ARTS | SOUMYA SHREE SANDHA | 81.17 | 69.00 | 12.17 |
| ARTS | PABITRA DORA | 64.17 | 54.00 | 10.17 |
| ARTS | MUNISMITA SWAIN | 90.33 | 81.00 | 9.33 |

28 More Growth...

in Odisha TOPPERS
Mark: 560
MANAS SAHU
SCIENCE

in Odisha TOPPERS
Mark: 550
SANTWANA MEHER
ARTS

## Neet Results

NEET-2K23
SOBHAGINI LUGUN
VSSIMSAR, BURLA

NEET-2K23
LILABATI BARIHA
BBMCH, BALANGIR

NEET-2K23
MONALISHA NAYAK
VSSIMSAR, BURLA

NEET-2K23
AASWETA SAHU
GAC&H, BALANGIR

641 OM PRAKASH
PRMMCH, MAYURBHANJ
NEET-2K23

ANSHUMAN BHOI
NEET-2K22
SCB, CUTTACK

RUTUPARNNA MAHANANDA
NEET-2K22
AIIMS, RAIPUR
आरोग्यम् सुख सम्पदा

AMLAN PUJARI
IIT-JEE-2K22
NIT, RAIPUR

Mark: 548
SUSHREE SAMIKSHYA PADHAN
Women's College Topper
SCIENCE

Mark: 525
SONALI SALIMA
Women's College 2nd Topper
SCIENCE

Mark: 498
ANIKET MISHRA
V.S.S. College Topper
SCIENCE

Mark: 487
SOUMYASHREE SANDHA
B.P. Women's college, Sonepur Topper
ARTS

Mark: 487
JANMAJAYA BEHERA
NSCB College Topper
SCIENCE

## CHSE 12th Results 2024

Mark: 542 — Munismita Swain, Bhatra, Dhanupali, Sambalpur, ARTS
Mark: 540 — Diptimayee Behera, Sindurpankh, Sambalpur, ARTS
Mark: 539 — Sonali Pradhan, Naktideul, Sambalpur, ARTS
Mark: 538 — Soumya Sucharita Dash, Near VSS Stadium, Sambalpur, ARTS
Mark: 537 — Twinkle Pradhan, Sakhipara, Sambalpur, SCIENCE
Mark: 534 — Sarita Manhira, Mudipara, Sambalpur, ARTS
Mark: 533 — Silu Pradhan, Kishor Nagar, Angul, SCIENCE
Mark: 521 — Baisali Sahu, Themra, Sambalpur, SCIENCE
Mark: 521 — Husmi Padhan, Parmanpur, Jharsuguda, SCIENCE
Mark: 518 — Yuvraj Budek, Bandhapali, Dunguripali, Sonepur, SCIENCE
Mark: 517 — Smruti Meher, Bhatlaida, Laikera, Jharsuguda, SCIENCE
Mark: 517 — Telina Pasayat, Belpahar, Jharsuguda, SCIENCE
Mark: 515 — Raman Ku. Biswal, Ainthapali, Sambalpur, ARTS
Mark: 513 — Swashrayee Hota, Modipada, Sambalpur, SCIENCE
Mark: 513 — Nikita Kumbhar, Bhatra, Dhanupali, Sambalpur, ARTS
Mark: 510 — Bhumika Chhatar, Bhandarimal, Sambalpur, SCIENCE
Mark: 508 — Pujarani Haripal, Birmaharajpur, Sonepur, ARTS
Mark: 507 — Giteswari Satpathy, Balisankara, Sundargarh, SCIENCE
Mark: 506 — Arpita Dalai, Hirakud, Sambalpur, SCIENCE
Mark: 505 — Rudramani meher, Patnagarh,Balangir, ARTS
Mark: 504 — Rajpur katapali, Jharsuguda, SCIENCE
Mark: 502 — Bhatra, Dhanupali, Sambalpur, SCIENCE

PINNACLE Higher Secondary School
+2 Science Arts
https://www.pinnaclehss.com

For 90% or Above in 10th
FREE!
2 Years Academic Fee Free
On admission in Pinnacle Higher Secondary School

Mishra Colony, Fatak, Sambalpur, Odisha - 768004
+91 82491 45352, +91 73269 74517, +91 83390 84641

# ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀ, ଯୁକ୍ତଦୁଇରେ ଫେଲ୍

**ବରଗଡ଼, ୧।୬(ସମିସ)**

ନିକଟରେ ପ୍ରକାଶିତ ଯୁକ୍ତଦୁଇ ପରୀକ୍ଷା ଫଳରେ ସ୍ଥାନୀୟ ଏକମାତ୍ର ସରକାରୀ ମହାବିଦ୍ୟାଳୟ ପଞ୍ଚାୟତ ଯୁକ୍ତଦୁଇ କଲେଜର ଫଳାଫଳ ବୁଦ୍ଧିଜୀବୀ ମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହି କଲେଜର ଯୁକ୍ତଦୁଇରେ ନାମଲେଖା ପାଇଁ ୭୦ ପ୍ରତିଶତରୁ ଅଧିକ ମାର୍କ ଆବଶ୍ୟକତା ହେଉଥିବା ବେଳେ ସେହି ପିଲାମାନେ ୨ ବର୍ଷ ପରେ ପରୀକ୍ଷାରେ ଅସଫଳ ହେଉଥିବାରୁ ଏହାର କାରଣ ତର୍ଜମା କରିବାର ଆବଶ୍ୟକତା ରହିଛି। ନାମଲେଖା ପାଇଁ ସରକାରୀ ୱେବସାଇଟ ସାମ୍ ର ତଥ୍ୟ ଅନୁସାରେ ୨୦୨୨-୨୩ ମସିହାରେ ବିଜ୍ଞାନରେ କଟଅପ ମାର୍କ ସାଧାରଣ ବର୍ଗ ପାଇଁ ୭୫ ପ୍ରତିଶତ, ଅନୁସୁଚିତ ଜାତି ପାଇଁ ୭୨ ପ୍ରତିଶତ ଏବଂ ଅନୁସୁଚିତ ଜନଜାତି ୫୪ ପ୍ରତିଶତ ରହିଥିଲା। ସେହିପରି କଳାରେ ଏହି ମହାବିଦ୍ୟାଳୟରେ ସାଧାରଣ ବର୍ଗ ପାଇଁ ୭୪ ପ୍ରତିଶତ, ଅନୁସୂଚତି ଜାତି ୬୯ ପ୍ରତିଶତ ଓ ଅନୁସୁଚିତ ଜନଜାତି ପାଇଁ ୬୩ ପ୍ରତିଶତ ରହିଥିଲା। ଏହାର ସାଧାରଣ ଅର୍ଥ ହେଲା ସେହିବର୍ଷ ଏହି କଲେଜରେ ନାମ ଲେଖାଇଥିବା ପ୍ରାୟ ସମସ୍ତ ଛାତ୍ର ପ୍ରଥମ ଶ୍ରେଣୀରେ କିମ୍ବା ଏଥିରୁ ଅଧିକ ମାର୍କରେ ମାଟ୍ରିକ ପାସ କରି କଲେଜରେ ନାମ ଲେଖାଇଥିଲେ। ତେବେ ୨ ବର୍ଷ ପରେ ଏହି ପିଲାମାନଙ୍କର ଫଳାଫଳ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଚଳିତ ବର୍ଷ ବିଜ୍ଞାନରେ ୨୨୪ ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ଏଥିରୁ ୭୮ ଜଣ ପ୍ରଥମ ଶ୍ରେଣୀରେ, ୭୫ ଜଣ ଦ୍ୱିତୀୟ ଶ୍ରେଣୀରେ, ୧୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୬ ଜଣଙ୍କ କମ୍ପାଟମେଣ୍ଟାଲ ଓ ୫୭ ଜଣ ଫେଲ କରିଛନ୍ତି। ସେହିପରି କଳାରେ ୨୬୫ ଜଣ ପରୀକ୍ଷା ଦେଇଥିବା ବେଳେ ଏଥିରୁ ୮୯ ଜଣ ପ୍ରଥମ ଶ୍ରେଣୀ, ୪୨ ଜଣ ଦ୍ୱିତୀୟ ଶ୍ରେଣୀ, ୯୧ ଜଣ ତୃତୀୟ ଶ୍ରେଣୀ, ଜଣେ କମ୍ପାଟମେଣ୍ଟାଲ ଓ ୩୬ ଜଣ ଫେଲ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାଟ୍ରିକରେ ପ୍ରଥମ ଶ୍ରେଣୀ ପାଇଥିବା ପିଲାଙ୍କ ମଧ୍ୟରୁ ବହୁ ଛାତ୍ର ଏହି ପରୀକ୍ଷାରେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ କିମ୍ବା ଫେଲ ମଧ୍ୟ କରିଛନ୍ତି। ସହରର ଅନ୍ୟତମ ସରକାରୀ ସାହାଯ୍ୟପ୍ରାପ୍ତ କଲେଜ ଟ୍ରଷ୍ଟଫଣ୍ଡ ଯୁକ୍ତ ଦୁଇ କଲେଜର ଅବସ୍ଥା ମଧ୍ୟ ସମାନ। ଏଠାରେ ଯୁକ୍ତ ବିଜ୍ଞାନରେ ୨୦୨୨-୨୩ ରେ କଟଅପ ମାର୍କ ୬୭ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ଦେଇଥିବା ୬୦ ଜଣ ପିଲାଙ୍କ ମଧ୍ୟରୁ ୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୩ ଜଣ ଦ୍ୱିତୀୟ, ୧୪ ଜଣ ତୃତୀୟ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ୩୧ଜଣ ଫେଲ କରିଛନ୍ତି। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଯେଉଁ ପିଲାମାନେ ୨୦୨୨ ରେ ମାଟ୍ରିକରେ ବିଭିନ୍ନ ସ୍କୁଲରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଆସିଥିଲେ ସେମାନେ ଯୁକ୍ତଦୁଇ ତୃତୀୟ ଶ୍ରେଣୀ କିମ୍ବା ଆଶ୍ଚର୍ଯ୍ୟଜନକ ଭାବରେ ଫେଲ ମଧ୍ୟ କରିଛନ୍ତି। ଜିଲ୍ଲାର ସାମଗ୍ରିକ ଶିକ୍ଷା ବିକାଶ ଉପରେ ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ଚାଷଜମି ପୋଡ଼ିବାରୁ ନଷ୍ଟ ହେଉଛି ଜୈବ ବିବିଧତା



**ପଦ୍ମପୁର, ୧।୬ (ସମିସ):** ଚାଷ ଜମିକୁ ସଫା ରଖିବା ପାଇଁ ବିଲରେ ପଡ଼ିଥିବା ପୁଆଳକୁ ଚାଷୀମାନେ ନିଆଁ ଲଗାଇ ଦେଉଛନ୍ତି। ଏହାର ପ୍ରଭାବ ସିଧାସଳଖ ପରିବେଶ ଉପରେ ପଡୁଥିବା ବେଳେ ତାପମାତ୍ରା ବୃଦ୍ଧି ସହିତ ଜଳବାୟୁ ମଧ୍ୟ ପରିବର୍ତ୍ତନ ହୋଇଥାଏ। ଏ ନେଇ ଚାଷୀ ମାନଙ୍କୁ ସଚେତନତା କରାନ ଗଲେ ଆଗକୁ ଜୈବ ବିବିଧତା ସମ୍ପୁର୍ଣ୍ଣ ଉଜୁଡ଼ି ଯିବ ବୋଲି ପରିବେଶବିଦ୍ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ପୂର୍ବରୁ ଚାଷକାର୍ଯ୍ୟ ପାଇଁ ଚାଷୀ ପୋଢ଼, ବଳଦ ନିୟୋଜିତ କରିବା ସହିତ କ୍ଷୀର ପାଇଁ ଗାଈ, ବାଛୁରୀ ରଖୁଥିଲେ। ସେମାନଙ୍କ ଖାଦ୍ୟ ପାଇଁ ପୁଆଳ ସଂଗ୍ରହ କରୁଥିଲେ। ଘର ମାନଙ୍କ ରେ ନଡ଼ାଛପର ବ୍ୟବହାର କରୁଥିଲେ। ମାତ୍ର ଏବେ କୃଷି କ୍ଷେତ୍ରରେ ଯାନ୍ତ୍ରିକ ଉପକରଣ ବ୍ୟବହାର ସହିତ ପକ୍କା ଘର। ଏହାସହିତ ଚାରଣଭୂମି ଅଭାବ ଯୋଗୁଁ ଲୋକମାନେ ଆଉ ଗାଈ, ବଳଦ, ମଇଁଷି ରଖୁ ନାହାନ୍ତି। ସେମାନେ ଆଉ ପୁଆଳ ଘରକୁ ନଆଣି ଜମିରେ ପୋଡ଼ି ଦେଉଛନ୍ତି। ଯାହାକି ଜମିରେ ଥିବା ଅତ୍ୟନ୍ତ ଉପକାରୀ ଅଣୁଜୀବ, କୀଟପତଙ୍ଗ ସହିତ ଉପକାରୀ ଚଢେଇବଂଶ ନଷ୍ଟ ହେଇଯାଉଛି। ଏହା ସହିତ ତାପମାତ୍ରା ବୃଦ୍ଧି ସହିତ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। କୃଷି ବିଭାଗ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପରିବେଶବିଦ ମାନେ ମତ ଦେଇଛନ୍ତି।

# ବୈଠକ ଡାକିଲେ ଅତିରିକ୍ତ ଜିଲ୍ଲାପାଳ

## ଅସହ୍ୟ ଗରମରେ ଘନଘନ ବିଦ୍ୟୁତ କାଟ୍



**ପଦ୍ମପୁର, ୧।୬ (ସମିସ):** ପଦ୍ମପୁର ଅଞ୍ଚଳରେ ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ସମୟରେ ଘନଘନ ବିଦ୍ୟୁତକାଟରେ ଲୋକେ ଅତିଷ୍ଠ ହୋଇ ପଡ଼ିଛନ୍ତି। ଗତ ୫ ଦିନ ହେବ ପଦ୍ମପୁର ଅଞ୍ଚଳରେ ତାପମାତ୍ରା ୪୪/୪୫ ଡିଗ୍ରୀ ଉପରେ ରହୁଛି। ଏହି ସମୟରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ସହିତ ଲୋ ଭୋଲଟେଜ ସମସ୍ୟା ଲାଗି ରହୁଛି। ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁନାଲ ଏଚ୍ ଚଭନ୍ ପଦ୍ମପୁର ନାଗରିକ କମିଟି, ବଣିକ ସଂଘ ଓ ଟାଟା ପାଓ୍ୱର ଅଧିକାରୀଙ୍କୁ ନେଇ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ବସିଥିଲା। ଆଲୋଚନାରେ ଭାଗ ନେଇ ଉପସ୍ଥିତ ସଦସ୍ୟ ଗଣ ବିଦ୍ୟୁତର ନିରବଚ୍ଛିନ୍ନ ଯୋଗାଣ ସହିତ ଯେପରି ବାରମ୍ବାର ବିଜୁଳି ବିଭ୍ରାଟ ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଆଗାମୀ ୨/୩ଦିନ ମଧ୍ୟରେ ସମସ୍ୟା ସମାଧାନ ନହେଲେ ଆଇନଶୃଙ୍ଖଳା ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଉପସ୍ଥିତ ଅନୁଷ୍ଠାନର ସଦସ୍ୟ ମାନେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଅଧିକାରୀଙ୍କୁ ସ୍ଥିରବିଦ୍ୟୁତ ଯେଭଳି ରହିବ ସେ ସମ୍ପର୍କରେ ଆବଶ୍ୟକ ମରାମତି ସହିତ ଆଧୁନିକ ଉପକରଣ ଉପଲବ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଟାଟା ପାଓ୍ୱର ଅଧିକାରୀ ତରୁଣ କୁମାର ପାଣ୍ଡେ, ସେକସନ ଅଧିକାରୀ ନିଳମାଧବ କର, ନାଗରିକ କମିଟିର ସମ୍ପାଦକ ଅଜିତ କୁମାର ଶତପଥୀ, ରାମଚନ୍ଦ୍ର ତ୍ରିପାଠୀ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ନନ୍ଦକିଶୋର ଅଗ୍ରୱାଲ, ଓକିଲ ସଂଘ ସଭାପତି ଆନନ୍ଦଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଦୈନିକ ବଜାର ପରିସରରେ ଶୁଖିଲା ପଡ଼ିଛି ପାଣିକୁଣ୍ଡ



**ପଦ୍ମପୁର, ୧।୬(ସମିସ):** ପଦ୍ମପୁର ଦୈନିକ ବଜାର ପରିସରରେ ପଦ୍ମପୁର ଏନ୍ଏସି ତରଫରୁ ପଶୁପକ୍ଷୀଙ୍କ ତୃଷା ନିବାରଣ ପାଇଁ ପାଣି କୁଣ୍ଡର ବ୍ୟବସ୍ଥା କରାଯାଇଛି। ମାତ୍ର ଦୀର୍ଘଦିନ ହେବ ଏହି ପାଣି କୁଣ୍ଡ ଶୁଖିଲା ପଡ଼ିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏନ୍ଏସି କର୍ତ୍ତୃପକ୍ଷ ଏହି କୁଣ୍ଡରେ ଆବଶ୍ୟକ ପାଣି ଭର୍ତ୍ତି କରିବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ବେଳେ କୁଣ୍ଡ ପାର୍ଶ୍ୱରେ ଅଳିଆ ଆବର୍ଜନା ଗଦା ହୋଇ ପଡ଼ିଛି।

# ଅଂଶୁଘାତ ପରିଚାଳନା ପାଇଁ ବ୍ଲକସ୍ତରୀୟ ଟାସ୍କଫୋର୍ସ ବୈଠକ

**ଅମ୍ବାଭୋନା, ୧।୬(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅଂଶୁଘାତ ପରିଚାଳନା ପାଇଁ ବ୍ଲକ ସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅମ୍ବାଭୋନା ତହସିଲଦାର ଆନନ୍ଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଡା. ଟେମରାମ ଦେହେରି ଅଂଶୁଘାତର ବିଭିନ୍ନ ଲକ୍ଷଣ ଉପରେ ଆଲୋକପାତ କରିଥିଲେ। ଅମ୍ବାଭୋନା ବ୍ଲକରେ ଅଂଶୁଘାତର ସତର୍କତା ଅବଲମ୍ବନ



ସହିତ ଅଂଶୁଘାତ ପରିଚାଳନା ବିଷୟରେ ଆଲୋଚନା କରିଥିଲେ। ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଭୁକ୍ତା ସମେତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଂଶୁଘାତ ଜନିତ ଚିକିତ୍ସା କକ୍ଷ ସହିତ ଅଂଶୁଘାତ କଣ୍ଟ୍ରୋଲ ରୁମ ଖୋଲାଯାଇଥିବା ଡା. ଦେହରୀ ପ୍ରକାଶ କରିଥିଲେ। ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ବାଗ, ଅମ୍ବାଭୋନା ପୁଲିସ ଇନଚାର୍ଜ ବିପିନ ବାଗ, ସିଡିପିଓ ଅର୍ଚ୍ଚନା ରାଉତ, ବ୍ଲକ ଶିକ୍ଷା ବିଭାଗରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂ, ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଦୁର୍ଗା ପ୍ରସାଦ ଦାଶ, ଅମ୍ବାଭୋନା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡା. ପ୍ରଶାନ୍ତ ପଣ୍ଡା, ଡା. ଆଞ୍ଚଳ ପ୍ରଧାନ, ସୁପରଭାଇଜର ଗୋବିନ୍ଦ ପଧାନ, ବିଡିଏମ ମେଘନାଦ ପ୍ରଧାନ, ବିଏଏମ ଉମେଶ ପ୍ରଧାନ, ଜୟ ପ୍ରକାଶ ମହାପାତ୍ର, ସ୍ୱାସ୍ଥ୍ୟ କର୍ମୀ ଜ୍ଞାନବନ୍ତ ଡନସନା, ଗୀତାଞ୍ଜଳି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସ୍ଥାନୀୟ ବିପିଏମ ମନୋରଞ୍ଜନ ପ୍ରଧାନ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଗାଇସିଲେଟ, ୧।୬(ସମିସ): ଗାଇସିଲେଟ ବ୍ଲକ ଜଗଲପାଟ ଗ୍ରାମପଞ୍ଚାୟତ ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଜଗଲପାଟର ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ରବୀନ୍ଦ୍ର କୁମାର ଭୋଇଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଜିନ୍ଦା ଭୋଇ, ଫିରିଙ୍ଗିମାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଦଣ୍ଡସେନା, କଠଉମାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ନାୟକ, କନ୍ଧମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଓସ୍ତାର ବ୍ଲକ ସଭାପତି ପ୍ରଶାନ୍ତ ହୋତା, ବେହେରାମୁଣ୍ଡା ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ରୁକ୍ମଣ ଦିଶ୍ରୀ, ପରିଚାଳନା କମିଟିର ସଭ୍ୟ, ସଭ୍ୟା ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ନୂତନ ଭାବେ ଦାୟିତ୍ୱ ନେଇଥିବା ପ୍ରଧାନଶିକ୍ଷକ ମନୋଜ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ହରିହର ମାଝୀ, ଚିତ୍ରସେନ ବାରିକ, କୃଷ୍ଣଚନ୍ଦ୍ର ପଧାନ, ତ୍ରିଲୋଚନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବରଗଡ଼ରେ 'ଲେଟି' ଦିବସ ପାଳିତ




**ବରଗଡ଼, ୧।୬(ସମିସ):** ବରଗଡ଼ ସହରରେ ଶନିବାର ଲେଟି ଦିବସ ଭାବେ ପାଳନ କରାଯାଇଛି। କୃଷି ବହୁଳ ଏହି ଜିଲ୍ଲାରେ ଧାନ ସମେତ ବିଭିନ୍ନ ପନିପରିବା ବହୁଳ ଭାବେ ଚାଷ ହେଉଥିବା ବେଳେ ସେ ତୁଳନାରେ ଏଠାରେ ଫଳର ରାଜା ଭାବେ ପରିଗଣିତ ଲେଟି(ଆମ୍ବ) ମଧ୍ୟ ଉତ୍ପାଦନ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଇ ଏବଂ ଜୁନ ମାସରେ ପ୍ରଚୁର ପରିମାଣରେ ଆମ୍ବ ଉତ୍ପାଦନ ହୋଇ ଜିଲ୍ଲା ବାହାରକୁ ରପ୍ତାନୀ ହେଉଥିବା ବେଳେ ଜୁନ ୧ ତାରିଖକୁ ଲେଟି ଦିବସ ଭାବରେ ପାଳନ କରାଯାଇଛି। ସମ୍ବଲପୁରୀ ଭାଷାରେ ପାଚିଲା ଆମ୍ବକୁ ଲେଟି କୁହାଯାଏ। ଏହି ଅବସରରେ ଡା. ରାମକୃଷ୍ଣ ପୁରୋହିତ ନିଜ ଘରୋଇ କ୍ଲିନିକ ସମ୍ମୁଖରେ ବିଭିନ୍ନ କିସମର ପାଚିଲା ଆମ୍ବ ରଖି ଲେଟି ଦିବସ ପାଳନ କରିଥିଲେ। ପାଚିଲା ଆମ୍ବ ମନୁଷ୍ୟ ଶରୀର ପାଇଁ ବହୁ ହିତକାରୀ ହୋଇଥିବା ବେଳେ କ୍ଲିନିକରେ ଥିବା ରୋଗୀ ତାଙ୍କ ସମ୍ପର୍କୀୟ ତଥା ରାସ୍ତାରେ ଯାଉଥିବା ଜନସାଧାରଣାଙ୍କୁ ପାଚିଲା ଆମ୍ବ ପ୍ରଦାନ କରାଯାଇଥିଲା। ଏଥିରେ ଡାକ୍ତର ପୁରୋହିତଙ୍କ ସମେତ ସମାଜସେବୀ ମମତା ପୁରୋହିତ ତଥା କ୍ଲିନିକର ଅନ୍ୟ ଡାକ୍ତର, କର୍ମଚାରୀ ତଥା ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲା ଆଚିଭର୍ସ ହେଲ୍‌ପିଙ୍ଗ୍ ଫାଉଣ୍ଡେସନ ଓ ଶିକ୍ଷା ବିଭାଗ

**ବରଗଡ଼, ୧।୬ (ସମିସ):** ବରଗଡ଼ ଜିଲ୍ଲା ଟୁକୁର୍ଲା ସ୍ଥିତ ବିଜ୍ଞାନ କେନ୍ଦ୍ର ଠାରେ ଜିଲ୍ଲା ରେ ଚଳିତ ମ୍ୟାଟ୍ରିକ ପରୀକ୍ଷା ରେ ଏ ୧ ଗ୍ରେଡ ପାଇଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଏଚିଭର୍ସ ହେଲପିଙ୍ଗ ଫାଉଣ୍ଡେସନ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ ଦିବାକର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଭଗବାନ ପ୍ରଧାନ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ, ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ ଭୁଏ, ଅମ୍ବାଭୋନା ବ୍ଲକ ଶିକ୍ଷା ଅଧିକାରୀ ଭାବନା ସାହୁ ଭେଡେନ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବରଗଡ଼ ଜିଲ୍ଲା ର ୧୨ ବ୍ଲକ ରୁ ଆସିଥିବା ୪୮ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହନ ପାଇଁ ଜିଲ୍ଲାର ଟପ୍ପର ହୋଇଥିବା ଛାତ୍ର ଶୁଭଙ୍କର ସାହୁଙ୍କୁ ଘାସିରାମ ଭୋଇ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଜିଲ୍ଲା ଟପ୍ପର ସୃଷ୍ଟି କରିଥିବା ଅତାବିରା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଅନୁଷ୍ଠାନକୁ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଠିକ୍ ସେହିପରି ଖୁଣ୍ଟପାଲି ଗଙ୍ଗାଧର ମେହେର ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ରେଶମୀ ମାଝୀଙ୍କୁ ଈଶ୍ୱର ମାଝୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ସ୍ନାତକୋତ୍ତର ପରୀକ୍ଷାରେ ବିଶ୍ୱ ବିଦ୍ୟାଳୟ ଟପ୍ପର ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବରଗଡ଼ ପଞ୍ଚାୟତ କଲେଜ୍ ଛାତ୍ରୀ ଇପ୍ସିତା ପୁରୋହିତଙ୍କୁ ମଧ୍ୟ ଫାଉଣ୍ଡେସନ ତରଫରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ରେଶମା ଦୋରା, ଦିଲ୍ଲୀପ କୁମାର ଦାଶ, ସକଳ ମାଝୀ, ବୁଦ୍ଧ ଭୋଇ, ଅଶ୍ୱିନୀ ବେହେରା, ଉମେଶ ପ୍ରଧାନ, ଚୌବର୍ଗ ପ୍ରଧାନ, ରୋସନ ପ୍ରଧାନ ପ୍ରମୁଖଙ୍କ ସମେତ ଫାଉଣ୍ଡେସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବିଇଓ ସରୋଜ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜାଢୋଲ ଗୌନ୍ତିଆ ଦୁର୍ଯ୍ୟୋଧନ ସଗରଙ୍କ ପରଲୋକ

**ଝାରବନ୍ଧ, ୧।୬(ସମିସ):** କଲଙ୍ଗା ଜାତିକୁ ଆଦିବାସୀ ଜାତିର ମାନ୍ୟତା ଦାବିରେ ସବୁ ବେଳେ ସଂଗ୍ରାମରତ ବିଜାଢୋଲ ଗୌନ୍ତିଆ ଦୁର୍ଯ୍ୟୋଧନ ସଗରଙ୍କ ପରଲୋକ ହୋଇଯାଇଛି। ସେ ଅନେକ ସାମାଜିକ ସଂଗଠନରେ ସମ୍ପୃକ୍ତ ଥିଲେ। ଜନପ୍ରିୟତା ଯୋଗୁଁ କନ୍ଦାଡଙ୍ଗର ସରପଞ୍ଚ ଭାବରେ ଅବସ୍ଥାପିତ ଥିଲେ। ଜନହିତ କାର୍ଯ୍ୟକରି ସେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କର ସ୍ତ୍ରୀ, ତିନି ପୁଅ, ଏକମାତ୍ର ଝିଅ ଓ ନାତି ନାତୁଣୀ ମୃତ୍ୟୁଶଯ୍ୟା



ନିକଟରେ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜ୍ୟେଷ୍ଠ ପୁଅ ରାଜକୁମାର ସଗର ଓ ପରିବାର ବର୍ଗ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ପରମାନନ୍ଦପୁର ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ

**ଗାଇସିଲେଟ, ୧।୬ (ସମିସ):** ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅଧିନସ୍ଥ ପରମାନନ୍ଦପୁର ଗ୍ରାମରେ ବୁଧବାର ଷୋହଳପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଥିବା ବେଳେ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ପ୍ରଥମ ଦିନ ସନ୍ଧ୍ୟାରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଶୁଭ କଳସଯାତ୍ରା ହୋଇ ପୋଖରୀରୁ ପାଣି ଗ୍ରହଣ ପରେ ଅଧିବାସ ଓ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। କଳସ ଯାତ୍ରା ଗାଁକୁ ବେଶ ବିମୋହିତ କରିଥିଲା। ଏହି ନାମ ଯଜ୍ଞରେ କଳାହାଣ୍ଡି, ବୁରୋମୁଣ୍ଡା, କେନଟିକ୍ରା, କୁର୍ଲୁବାହାଲ, ସନ୍ଧିବାହାଲ, ଖୁଲାଗଡ଼, କେଲେଣ୍ଡାର ୭ ଗୋଟି ଦଳ ସାମିଲ ହୋଇଥିଲେ। କୁଲିଆରୀ, ସେମେଲମୁଣ୍ଡା, ଇନପୁର, ବିରିପାଲି, କେନ୍ଦୁମାଲ, ବଞ୍ଜୁଝୁଲା କୀର୍ତ୍ତନ ଦଳ ଯୋଗ ଦେଇଥିବା ଜଣାପଡ଼ିଛି। କର୍ତ୍ତା ଭାବେ ସିଦ୍ଧାର୍ଥ ବଢେଇ ଏବଂ ତାଙ୍କ ଧର୍ମପତ୍ନୀ ଶିତିକା ବଢେଇ ଯୋଗଦାନ କରରିଥିଲେ। ପୂଜକ ସଦାନନ୍ଦ ମିଶ୍ର, ଗୋପାଳ ମିଶ୍ର ପୂଜାକାର୍ଯ୍ୟ ତୁଲାଇ ଥିଲେ। ବିଜେପୁର ବିଧାୟିକା ରିତା ସାହୁ, ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, କଟାବାହାଲ ଗ୍ରାମପଞ୍ଚାୟତ ସରପଞ୍ଚ ଅର୍ପିତା ପଣ୍ଡା, ବିଜେଡି ନେତା ନାରଦ ବରିହା, ଚୈତନ୍ୟ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିଲା। ଆନନ୍ଦ ବଜାରରେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ସମାଜସେବୀ ସୁଶାନ୍ତ ପଣ୍ଡାଙ୍କ ପରିଚାଳନାରେ ଏକ ବୈଠକି କୀର୍ତ୍ତନ ହୋଇଥିଲା।

# ଦେଶୀ କୁକୁଡ଼ା ଚାଷକୁ ମିଳୁନି ପ୍ରୋତ୍ସାହନ

**ଦହିତା, ୧।୬ (ସମିସ)**

ପଦ୍ମପୁର ଉପଖଣ୍ଡର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କୁ ପାରମ୍ପାରିକ ଦେଶୀ କୁକୁଡ଼ା ପାଳନ ନିମନ୍ତେ ସେମିତି କିଛି ପ୍ରତ୍ସୋହନ ମିଳୁନ ଥିବାରୁ ବିଭିନ୍ନ ଅଞ୍ଚଳରୁ ଏହା କ୍ରମଶଃ ଲୋପ ପାଇବାରେ ଲାଗଛି। ଏହି ଦେଶୀ କୁକୁଡ଼ାର ମାଂସ ଅଧିକ ଲୋକପ୍ରିୟ ହୋଇଥିବାରୁ ସେନେଇ ଯୋଜନା ପ୍ରସ୍ତୁତ କରିବା ପାଇଁ ମତ ପ୍ରକାଶ ପାଉଛି। ପଦ୍ମପୁର ବ୍ଲକର ବିଶେଷ କରି ଦହିତା, ଦହିଗାଁ, ବୁଡେନ ସମେତ ବିଭିନ୍ନ ଗାଁରେ ପ୍ରାୟ ସମସ୍ତଙ୍କ ଘରେ ଦେଶୀ କୁକୁଡ଼ା ପାଳନ କରୁଥିଲେ। ମାତ୍ର ସରକାର ବ୍ରଏଲର ଓ ଅନ୍ୟାନ୍ୟ ବିଦେଶୀ କୁକୁଡ଼ା ପାଳନ ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଥିବା ବେଳେ ଦେଶୀ କୁକୁଡ଼ା ପାଇଁ ଏ ପର୍ଯ୍ୟନ୍ତ କୌଣସି ଯୋଜନା କରୁନାହାନ୍ତି। ତେଣୁ ଗ୍ରାମାଞ୍ଚଳରେ ଲୋକେ ଏହି କୁକୁଡ଼ା ଚାଷରୁ ଦୂରେଇ ଯାଉଛନ୍ତି। ଫଳସ୍ୱରୂପ ସେମାନଙ୍କ ଆର୍ଥିକ ସ୍ଥିତି ମଧ୍ୟ ବିପନ୍ନ ହେବାରେ ଲାଗିଛି। ଏହି ଦେଶୀ କୁକୁଡ଼ା ଚାଷ ପାଇଁ ସରକାର କିଛି କାର୍ଯ୍ୟକ୍ରମ ହାତକୁ ନନେଲେ ଏହା କ୍ରମଶଃ ଲୋପ ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



# ସାବିତ୍ରୀ ବଜାରରେ ମୁଜାଫରପୁର ଲିଚୁ

**ବରଗଡ଼, ୧୬(ସମିସ):** ସାବିତ୍ରୀ ବ୍ରତ ପାଇଁ ୨୧ ପ୍ରକାର ଫଳ ଲାଗୁଥିବା ବେଳେ ଧିରେ ଧିରେ ବରଗଡ଼ ବଜାରରେ ବିଭିନ୍ନ ପ୍ରକାର ଫଳର ପସରା ଲାଗିବା ଆରମ୍ଭ କଲାଣି। ସହରର ଲେଙ୍ଗୁ ମିଶ୍ର ଛକ, ଥାନା ଛକ, ସରକାରୀ ବସଷ୍ଟାଣ୍ଡ ସାମନା, ଗାନ୍ଧୀ ଛକ, ଘରୋଇ ବସଷ୍ଟାଣ୍ଡ, ଭଟଲି ଛକ ଆଦି ସ୍ଥାନରେ ଠେଲା ମାନଙ୍କରେ ଲିଚୁ ବିକ୍ରି ହେଉଛି। ବରଗଡ଼ ବଜାରରେ ଏହାର କିଲୋ ପ୍ରତି ଦର ୨ ଶହ ଟଙ୍କା ଥିବା ବେଳେ ଚଢ଼ାଦର ହେଲେ ମଧ୍ୟ ପ୍ରଥମ କରି ଆସିଥିବା ଏହି ଫଳକୁ ବେଶ ଉତ୍ସାହର ସହ ଲୋକେ କିଣି ନେଉଛନ୍ତି। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳରେ ଲିଚୁ ଚାଷ କରାଯାଉଥିବା ବେଳେ ବରଗଡ଼ ଜିଲ୍ଲାକୁ ମୁଜାଫରପୁରରୁ ଲିଚୁ ଆସୁଥିବା ବ୍ୟବସାୟୀମାନେ କହିଛନ୍ତି। ବରଗଡ଼ରେ ଗ୍ରୀଷ୍ମପ୍ରବାହ ଉପରମୁହାଁ ଥିବା ବେଳେ ବ୍ୟବସାୟୀମାନେ ଲିଚୁକୁ ଓଦା କପଡ଼ାରେ ଘୋଡ଼େଇ ରଖୁଛନ୍ତି। ଆସନ୍ତା ସପ୍ତାହରେ ସାବିତ୍ରୀ ବ୍ରତ ଥିବା ଯୋଗୁଁ ବଜାରରେ ଲିଚୁର ଦାମ ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।



ଜିଲ୍ଲାରେ ଉତ୍ପାଦିତ ଆମ୍ବ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଫଳ ବିକ୍ରି ହେଉଥିବା ବେଳେ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ପ୍ରକାର ଫଳ ଆମଦାନୀ ହୋଇ ଏଠାରେ ବିକ୍ରି ହେଉଛି। ବିଶେଷକରି ବର୍ତ୍ତମାନ ସହରରେ ବହୁଳ ପରିମାଣରେ ଲିଚୁ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି।

# ଦିନକ ପରେ ଭୋଟ ଗଣତି; ଉତ୍କଣ୍ଠାରେ ପ୍ରାର୍ଥୀ ଓ ଭୋଟର

**ପଦ୍ମପୁର, ୧୬ (ସମିସ)**

ପାଖେଇ ଆସୁଛି ଦିନ। ଆଉ ମାତ୍ର ଗୋଟିଏ ଦିନ ପରେ ହେବ ଭୋଟ ଗଣତି। ଏଥିପାଇଁ ଉଭୟ ପ୍ରାର୍ଥୀ ଓ ଭୋଟରଙ୍କ ଉତ୍କଣ୍ଠା ବୃଦ୍ଧି ପାଇଛି। ପ୍ରାର୍ଥୀଙ୍କ ହୃଦସ୍ପନ୍ଦନ ମଧ୍ୟ ସେହି ଅନୁପାତରେ ବଢୁଛି। ଶେଷ ହୋଇଛି ନିର୍ବାଚନ, ଦୀର୍ଘଦିନର ନୀରବତା ପରେ ପୁଣି ହେବ କୋଳାହଳ। ପ୍ରାୟ ୨ମାସ କାଳ ସାଧାରଣ ନିର୍ବାଚନ ପାଇଁ ସରଗରମ ରହିଥିବା ପଦ୍ମପୁର ନିର୍ବାଚନ ମଣ୍ଡଳୀ ଭୋଟ ଗ୍ରହଣ ଶେଷ ହେବା ପରେ ପରିସ୍ଥିତି ଥଣ୍ଡା ପଡ଼ିଥିଲା। ମାର୍ଚ୍ଚ ମାସ୧୬ ତାରିଖରେ ନିର୍ବାଚନ ଘୋଷଣା ହୋଇଥିଲା। ପ୍ରାର୍ଥୀ ପତ୍ର ଦାଖଲ ସହିତ ପ୍ରାୟ ୨ମାସ ଅଞ୍ଚଳରେ କୋଳାହଳ ଲାଗି ରହିଥିଲା। ୪ ତାରିଖରେ ଗଣତି ହେବ ଭୋଟ। ଏଥିପାଇଁ ପଦ୍ମପୁର ଆର୍‌ଏମ୍‌ସି ପରିସର ପୁରା ପ୍ରସ୍ତୁତ ହୋଇ ରହିଛି।ଏଠାରେ ପଦ୍ମପୁର ଓ ବିଜେପୁର ବିଧାନସଭା ଆସନର ଭୋଟ ଗଣତି ହେବ। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ୭ଜଣ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। କିନ୍ତୁ ଲଢେଇ ମୁଖ୍ୟତଃ ବିଜେଡି ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ହୋଇଥିଲା। ବିଜେଡିରୁ ବର୍ଷା ସିଂ ବରିହା, ଭାଜପାରୁ ଗୋବର୍ଦ୍ଧନ ଭୁଏ ଓ କଂଗ୍ରେସରୁ ଟଙ୍କଧର ସାହୁ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ବିଜେପୁର ନିର୍ବାଚନ ମଣ୍ଡଳୀରେ ୪ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ। ସେଠାରେ ବିଜେଡିରୁ ରୀତା ସାହୁ, ଭାଜପାରୁ ସନତ ଗଡ଼ତିଆ, କଂଗ୍ରେସରୁ କିଶୋର ଦଫାଦାର ଓ ବିଏସପିରୁ ଧବଳେଶ୍ୱର ମହାନନ୍ଦ ପ୍ରାର୍ଥୀ ହୋଇଥିଲେ। ସମସ୍ତଙ୍କ ଭାଗ୍ୟ ଇଭିଏମ ରେ ସିଲ ହୋଇ ଷ୍ଟ୍ରଙ୍ଗ ରୁମରେ ରହିଛି। କିଏ ଜିତିବ କିଏ ହାରିବ ତାକୁ ନେଇ ଆଲୋଚନା ଚରମ ସ୍ଥିତରେ ପହଞ୍ଚିଛି। ୪ତାରିଖରେ ଏହି ଉତ୍କଣ୍ଠାର ପରିସମାପ୍ତି ଘଟିବ।

# ଲାୟନ୍ସ କ୍ଲବ୍ ପକ୍ଷରୁ ଆହାର ପ୍ରଦାନ

**ପଦ୍ମପୁର, ୧୬ (ସମିସ):** ପ୍ରଚଣ୍ଡ ରୌଦ୍ରତାପ ସମୟରେ ଅନ୍ନ ଓ ପାନୀୟ ଜଳର ଅତ୍ୟାବଶ୍ୟକ ଥାଏ। ଏହି ଆବଶ୍ୟକତାକୁ କିଛିକାଂଶରେ ଲାଘବ କରିବା ପାଇଁ ପଦ୍ମପୁର ଲାୟନ୍ସ କ୍ଲବ ପକ୍ଷରୁ ପ୍ରୟାସ କରାଯାଇଥିଲା। ଆହାର ସେବା କେନ୍ଦ୍ରରୁ ଆହାର ନେଉଥିବା ବ୍ୟକ୍ତିମାନଙ୍କୁ ଆହାରର ମୂଲ୍ୟ ସହ ଘୋଳ ଦହି ପ୍ରଦାନ କରିଥିଲେ। ପ୍ରାୟ ୩୫୦ ବ୍ୟକ୍ତି ଖୁସିରେ ଆହାରର ସହିତ ଘୋଳ ଦହିର ମଜା ନେଇଥିଲେ। ଲାୟନ୍ସ କ୍ଲବର ସଭାପତି ପ୍ରୀତମ ମେହେର, ସମ୍ପାଦକ ଈଶ୍ୱର ବା, ରାଜେନ୍ଦ୍ର ମେହେର, ରାଜକିଶୋର ଯୋଶୀ, ବେଣୁମାଧବ ଦୋରା, ମେଜର ଚିତ୍ତରଞ୍ଜନ ଦାସ, ବିଷ୍ଣୁନାରାୟଣ ଦୋରା, ବିନୋଦ ମିଶ୍ର, ରବିନାରାୟଣ ଦୋରା, ସନ୍ତୋଷିନୀ ରଥ, ପଦ୍ମିନୀ ଦାସ, ସୌମ୍ୟ ବାଗ, ଅନିଶ କୋଟେଜା, ଶୁକଦେବ ମେହେର, ହିମାଂଶୁ ଯୋଶୀ, କିଶୋର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରୁରୂପେ ନିର୍ବାହ କରିଥିଲେ।




# ଆଗକୁ ସାବିତ୍ରୀ ଅମାବାସ୍ୟା
# ଫଳ ବଜାର ସରଗରମ



**ପଦ୍ମପୁର, ୧୬ (ସମିସ):** ଆଉ ମାତ୍ର ୫ ଦିନ ପରେ ସାବିତ୍ରୀ ଅମାବାସ୍ୟା ଅନୁଷ୍ଠିତ ହେବ। ସ୍ତ୍ରୀ ମାନେ ତାଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରୁଥିବା ବେଳେ ପୂଜାର୍ଚ୍ଚନାରେ ଅନେକ ପ୍ରକାର ଫଳମୂଳ ଲାଗୁଥିବାରୁ ଏହି ସମୟରେ ଫଳମୂଳର ଅହେତୁକ ଦରବୃଦ୍ଧି ହୋଇଥାଏ। ସାବିତ୍ରୀବ୍ରତ ପାଇଁ ବଜାରରେ ଭିଡ଼ ଜମିବାରେ ଲାଗିଛି ଗ୍ରୀଷ୍ମପ୍ରବାହକୁ ଖାତିରି ନକରି ମହିଳା ମାନେ କିଣା କିଣି ଆରମ୍ଭ କରିଛନ୍ତି। ଫଳ ଦୋକାନ ଗୁଡ଼ିକରେ ମଧ୍ୟ ଭିଡ଼ ଲାଗିବା ଆରମ୍ଭ ହେଲାଣି। ଏଥର ପାଚିଲା ଫଳ ଦର ଆକାଶ ଛୁଆଁ ହୋଇଛି। ଫଳ ଦୋକାନୀଙ୍କ କହିବା ଅନୁସାରେ ବିଭିନ୍ନ ଫଳ ଯଥା ପଣସ, ଲିଚୁ, ଖଜୁରୀ, ଆମ୍ବ, ତାଳ, କଦଳୀ ଆଦି ମହଜୁଦ ରଖୁଥିବା କହିଛନ୍ତି।

# ଜନତା ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ




**ଅମ୍ବାଭୋନା, ୧୬(ସମିସ):** ଭାରତ ସରକାରଙ୍କ ବ୍ୟୁରୋ ଅଫ ଏନର୍ଜି ଆଫିସିଆନସି କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ଅନୁସାରେ 'କୁଶଳ ଉପଯୋଗ ଦ୍ୱାରା ଶକ୍ତି ସଞ୍ଚୟ 'ପ୍ରସଙ୍ଗକୁ ନେଇ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତାରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ ତଥା ଶକ୍ତି କ୍ଲବର ମାର୍ଗ ଦର୍ଶକ ଶିକ୍ଷକ ସଞ୍ଜୟ ଖମାରୀ ସ୍ୱଚ୍ଛତା ପକ୍ଷର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆଭିମୁଖ୍ୟ ନେଇ ସ୍ୱଚ୍ଛତା ପକ୍ଷର ବିଭିନ୍ନ ଦିବସରେ ଶପଥ ପାଠ, ୱେବିନାର, ଆଭାସୀ ବୈଠକ ମାଧ୍ୟମରେ ସଚେତନତା ସୃଷ୍ଟି, ସଫେଇ କାର୍ଯ୍ୟକ୍ରମ ଇତ୍ୟାଦିର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅମ୍ବାଭୋନା ବ୍ଲକର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ଚରଣ ମହାନ୍ତ ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ, ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ, ଶିକ୍ଷକ ବୋଧରାମ ବିଶ୍ୱାଳ, ଜ୍ୟୋତିଶ୍ଚନ୍ଦ୍ର ପଧାନଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଅନିଲ ସିଦାର ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ ଓ ଶକ୍ତି କ୍ଲବର ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ଇନପୁଟ୍ ଡିଲର ୟୁନିୟନର ବାର୍ଷିକ ସଭା

**ପଦ୍ମପୁର,୧୬ (ସମିସ):** ରାଜବୋଡ଼ାସମ୍ବର ଇନପୁଟ ଡିଲର ୟୁନିୟନର ତୃତୀୟ ବାର୍ଷିକ ସଭା ସ୍ଥାନୀୟ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ସଭାପତି ସପ୍ତସିନ୍ଧୁ ବରଗିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହେଲା ଏଡିଓ ରବି ନାରାୟଣ ମିଶ୍ର ମୁଖ୍ୟ ଅତିଥି ଓ ବିଏଏସ ରୋଜାଲିନୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଝାରବନ୍ଧ, ପାଇକମାଲ, ପଦ୍ମପୁର ବ୍ଲକର ୧୦୫ଜଣ ଡିଲର ଯୋଗଦାନ କରିଥିଲେ। ୯ ଜଣ ସଫଳ ଚାଷୀଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା। ଡିଲରମାନେ ଉତ୍ତମ ମାନର ରାସାୟନିକ ସାର, ବିହନ, ରୋଗପୋକ ନିରାକରଣ ପରାମର୍ଶ ଦେବା ଉଚିତ ବୋଲି ଆଲୋଚନା ହୋଇଥିଲା। ସମ୍ପୃକ୍ତ ବିଭାଗ ଉପଯୁକ୍ତ ସମୟରେ ବିହନ, ସାର ଯୋଗାଇ ଦେବାକୁ ବିହିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦିଲରମାନେ ଏଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୟୁନିୟନର ସଦସ୍ୟ ଦିନେଶ ନାୟକ, ବିରଞ୍ଚି ନାରାୟଣ ହୋତା, ପ୍ରମୋଦ ମିଶ୍ର, ରାଜକିଶୋର ବାଗ, ଈଶ୍ୱର ସାହୁ, ସୁଧାଂଶୁ ପଟେଲ, ଗଙ୍ଗାଧର ହୋତା, ସୁଶ୍ରୁତ ମିଶ୍ର, ଯଦୁ ଭୋଇ, ରାକେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନୃତ୍ୟ କର୍ମଶାଳା ଉଦ୍‌ଘାଟିତ

**ପଦ୍ମପୁର, ୧୬ (ସମିସ):** ପଦ୍ମପୁର ରାଜାଜୀ ଟାଉନ ହଲ ଠାରେ ଚାରି ଦିନିଆ ଓଡ଼ିଶୀ ନୃତ୍ୟ କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ଚଭନ କୁନାଲ ମୋତିରାମ ଉଦଘାଟନ କରିଥିଲେ। ଏକ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହେଉଛି। ଏହି କର୍ମଶାଳାରେ ଓଡିଶୀ ନୃତ୍ୟଶିଳ୍ପୀ ମମତା ବରିହା ନୃତ୍ୟ ଶିଳ୍ପୀ ମାନଂକୁ ଶିକ୍ଷାଦାନ ଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ନାଟ୍ୟକାର ଅଶୋକ କୁମାର ବହିଦାର ରମେଶ ଗୁର୍ଲା, ଲାଲୁ ମହାନନ୍ଦ, ମଞ୍ଜୁ ସାହୁ, ସୂର୍ଯ୍ୟସ୍ନାତା ବହିଦାର, ଅଞ୍ଜଳି ପରିଡ଼ା, ରାଜେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପେଟୁପାଲି ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା



**ଘେଁସ, ୧୬ (ସମିସ):** ଶୁକ୍ରବାର ପେଟୁପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଭିରାମ ତାଣ୍ଡି ତାଙ୍କ ଚାକିରୀ ଜୀବନର ଅବସର ଗ୍ରହଣ କରିଛନ୍ତ।ଏହି ଉପଲକ୍ଷେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ତଥା ପରିଚାଳନା କମିଟିର ସଭ୍ୟ ଉପସ୍ଥିତ ରହି ଅଭିରାମ ତାଣ୍ଡି ଙ୍କ ଚାକିରୀ ଜୀବନର ଅବସର ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୈରବ ଚନ୍ଦ୍ର ଶତପଥୀ ସମେତ ପରିଚାଳନା କମିଟିର ସଭାପତି ଜନକ ପାଣ୍ଡେ, ସଭ୍ୟ କୁଞ୍ଜ ବିହାରୀ ପଧାନ, ସୁମନ୍ତ କୁମାର ମେହେର ଓ ଦିଲିପ ଚୁହାନ ଉପସ୍ଥିତ ଥିଲେ।

# ରୌପ୍ୟଜୟନ୍ତୀ ପାଳିବ ଗୌରୀଶଙ୍କର ମନ୍ଦିର ଶୀତଳଷଷ୍ଠୀ

**ବରଗଡ଼, ୧୬(ସମିସ)**

ସହରର ଗୌରୀଶଙ୍କର ବାବାଙ୍କ ଶୀତଳ ଷଷ୍ଠୀ ମହୋତ୍ସବ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ ପାଳିତ ହେବ। ରୌପ୍ୟଜୟନ୍ତୀ ସମାରୋହ ପାଇଁ ମନ୍ଦିର କମିଟି ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇ ସାଜସଜ୍ଜା, ଆଲୁଅ ସଜ୍ଜା, ମେଢ଼, ପରଭା ଉପରେ ଅଧିକ ଧ୍ୟାନ ଦିଆଯାଇଥିବା ଜଣାପଡ଼ିଛି। ପୁରୋହିତ ସୂଚନା ଦେଇ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଗତ ୨୬ ମଇରେ ଦେବପିତୃ ନିମନ୍ତ୍ରଣ ସମ୍ପନ୍ନ ହୋଇଯାଇଥିବା ବେଳେ ଆସନ୍ତା ଜୁନ ୭ ତାରିଖରେ ଗଣ୍ଠିଆଲ ଫିଟା, ମାତା ପାର୍ବତୀ ହିମାଳୟ ଗୃହକୁ ଗମନ, ବ୍ୟଞ୍ଜନ ଓ ମହାଆଳତି ସହ ନଗରଭ୍ରମଣ ଓ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୨ ତାରିଖରେ ଉଦଯାପନୀ ଉତ୍ସବ ପାଳନ କରାଯିବ। ଏ ଅବସରରେ ବିଗତ ବର୍ଷ ମାନଙ୍କରେ ଶିବ ପାର୍ବତୀଙ୍କ ପିତାମାତା ଦାୟୀତ୍ୱ ନିର୍ବାହ କରିଥିବା ୫୦ ଯୋଡ଼ା ଦମ୍ପତିଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଥିବା ମନ୍ଦିର କମିଟି ସୂତ୍ରରୁ ଜଣାପଡ଼ିଛି।



କରୁଥିବାରୁ ମନ୍ଦିର କମିଟି ସମେତ ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖା ଦେଇଛି। ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଗୌରୀ ଓ ଶଙ୍କରଙ୍କ ବିବାହ ଉତ୍ସବ ପାଇଁ ସାରା ସହର ଚଳଚଞ୍ଚଳ ହୋଇପଡ଼ିଥାଏ। ଚଳିତ ବର୍ଷ ଏହି ଉତ୍ସବକୁ ୨୫ ବର୍ଷ ହେଉ ଥିବାରୁ ମନ୍ଦିର କମିଟି ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତିବର୍ଷ ୩ ଦିନ ଧରି ମହୋତ୍ସବ ପାଳନ ହେଉଥିବା ବେଳେ ଚଳିତ ବର୍ଷ ୫ ଦିନ ଧରି ଅନୁଷ୍ଠିତ ହେବ। ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ଷଷ୍ଠୀ ଉତ୍ସବ ପାଇଁ କନ୍ୟାପିତା ଭାବରେ ସତ୍ୟଜିତ କର ଓ ତାଙ୍କ ଧର୍ମପତ୍ନୀ ଲିକା କର ତଥା ବରପିତା ଭାବରେ ଦୀପକ ଦାଶ ଓ ତାଙ୍କ ଧର୍ମପତ୍ନୀ ସଙ୍ଗୀତା ଦାଶ ଦାୟିତ୍ୱ ନିର୍ବାହ କରିବେ। ଦେବଦେବ ମହାଦେବଙ୍କ ବିବାହ ଉତ୍ସବ ପାଇଁ ବିଭିନ୍ନ ଦିନରେ ପତରପେଣ୍ଠି, ମାତା ପାର୍ବତୀଙ୍କ ଖୁଆନିଖିଆ, ଗଣ୍ଠିଆଳ ଫିଟା ଭଳି ବିବାହ ଅନୁକ୍ରମମାନ ସେହିପରି ବରଗଡ଼ ଦାଶପଡ଼ାରେ ପରଭା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଶିବବିବାହ ଅବସରରେ ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାଂସ୍କୃତିକ ଶୋଭାଯାତ୍ରା ପାଇଁ ଆସାମର ବିହୁ, ଦୁର୍ଗର ଡାଙ୍କା, ଉତ୍ତରପ୍ରଦେଶର ମାଛନୃତ୍ୟ, ରାୟପୁରର ପଂଜାବୀ ଢ଼ୋଲ, କୋଲକାତାର ଦାଣ୍ଡିଆ, ଉତ୍ତରପ୍ରଦେଶର ଅଘୋରୀ ନୃତ୍ୟ, କୋଲକାତାର କାଳୀନୃତ୍ୟଦଳ ଓ ବଜରଙ୍ଗଦଳ ଆଖଡ଼ା ପାର୍ଟିକୁ ନିମନ୍ତ୍ରଣ କରାଯାଇଛି ବୋଲି ସାଂସ୍କୃତିକ ସଂଯୋଜକ ପପ୍ପୁ ଦାଶ ସୂଚନା ଦେଇଛନ୍ତି। ଦୀର୍ଘ ୨୪ ବର୍ଷ ଧରି ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଏହି ଶୀତଳ ଷଷ୍ଠୀ ମହୋତ୍ସବ ସମଗ୍ର ସହରବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇ ଆସୁଥିବାରୁ ଏଥର ରୌପ୍ୟ ଜୟନ୍ତୀ ମଧ୍ୟ ସହରବାସୀଙ୍କ ସହାୟତାରେ ହିଁ ପାଳିତ ହେବ ବୋଲି ଗୌରୀଶଙ୍କର ମନ୍ଦିର ଶୀତଳ ଷଷ୍ଠୀ ଯାତ୍ରା କମିଟିର ସଭାପତି ନିଧୁବନ ବିହାରି ପ୍ରସାଦ ପଣ୍ଡା ଓ ସମ୍ପାଦକ ସୁନୀଲ ନବ ବସ୍ତ୍ର ଅଳଙ୍କାର ଧାରଣ ସହ ପତ୍ରପେଣ୍ଠି ଅନୁଷ୍ଠିତ ହେବ। ସେହିପରି ଜୁନ ୮ ତାରିଖରେ ଶ୍ରୀ ଶଙ୍କରଙ୍କ ରୁଦ୍ରାଭିଷେକ ହେବାକୁ ଥିବା ବେଳେ ଜୁନ ୯ ରେ ଶ୍ରୀ ହନୁମାନ ଜୀଉଙ୍କ ଦ୍ୱାରା ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯିବ। ୧୦ ଜୁନରେ ଶ୍ରୀ ଶଙ୍କରଙ୍କ ହରିଦ୍ରାଧିବାସ, ଗନ୍ଧାଧିବାସ ଓ ହିମାଳୟ ଗୃହେ ମାତା ପାର୍ବତୀଙ୍କ ହରିଦ୍ରାଧିବାସ, ଗନ୍ଧାଧିବାସ (ଶୃଙ୍ଗାର ଓ ହଳଦୀ) ହେବାକୁଥିବା ବେଳେ ସନ୍ଧ୍ୟାରେ ଶିବଙ୍କ ବରାନୁଗମନ ଓ ରାତ୍ରିରେ ବିବାହ ପାଣିଗ୍ରହଣ ହେବ। ସେହିଭଳି ୧୧ଜୁନରେ ଦେବ ଦମ୍ପତିଙ୍କ ଷଡ଼ରସ

## କନ୍ୟା ଓ ବର ପିତାମାତାଙ୍କ ମୁହଁରୁ...

### ପାର୍ବତୀଙ୍କୁ ଝିଅ ଭାବେ କନ୍ୟାଦାନ କରିବା ବହୁତ ଦିନରୁ ଇଚ୍ଛା ଥିଲା



କନ୍ୟା ପିତାମାତା- ଗୌରୀଶଙ୍କର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ସହ ଆରମ୍ଭରୁ ଜଡ଼ିତ ଅଛି। ଶିବ ପାର୍ବତୀଙ୍କ ସେବା କରିଆସିଛି। ହେଲେ ପାର୍ବତୀଙ୍କୁ ଝିଅ ଭାବେ ନେଇ କନ୍ୟା ବିଦାୟ କରିବାର ବହୁତ ଦିନୁ ଇଚ୍ଛା ଥିଲା।। ଯାହାକି ଆଜି ପୁରା ହେବା ସହ ପାବର୍ତୀଙ୍କୁ ଝିଅ ଭାବେ ପାଇ ଆମେ ସ୍ୱାମୀ ସ୍ତ୍ରୀ ବେଶ ଖୁସି।

### ଆମଠୁ ପଡ଼ାବାସୀ ଅଧିକ ଖୁସି



ବର ପିତାମାତା- ଆମର ଦୁଇ ଝିଅ ଥିବାରୁ ଶିବଙ୍କୁ ପୁଅ ଭାବେ ଘରକୁ ଆଣିବାର ବହୁତ ଦିନରୁ ଇଚ୍ଛା ଥିଲା, ଯାହାକି ଏଥର ପୂରଣ ହୋଇଛି। ସେଥିପାଇଁ ବାହାରେ ରହୁଥିବା ପରିବାରବର୍ଗ ମଧ୍ୟ ବରଗଡ଼କୁ ଆସିବା ପାଇଁ ଟିକେଟ କରିସାରିଲେଣି। ଝିଅମାନେ ଏବେ ଠାରୁ ଆସି ବିବାହ ଉତ୍ସବ ପ୍ରସ୍ତୁତି ପାଇଁ ଲାଗି ପଡ଼ଛନ୍ତି। ଦାଶପଡ଼ାବାସୀ ମଧ୍ୟ ଏଥିପାଇଁ ବେଶ ଖୁସି ଅଛନ୍ତି। ସମସ୍ତେ ବିବାହ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ପଦ୍ମପୁର/ପାଇକମାଳ, ୧୬(ସମିସ):** ପାଇକମାଳ ବ୍ଲକ ଝେଙ୍ଗନାଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ସୁନାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦେବା ପାଇଁ ସ୍କୁଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପାଇକମାଳ ବ୍ଲକ ଏବିଇଓ ରାଧେଶ୍ୟାମ ମେହେର, ସମ୍ମାନିତ ଅତିଥି ଭାବେ ବିପିନ ବିହାରୀ ଠାକୁର, ଟଙ୍କଧର ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷା କମିଟି ସଭାପତି ଅଶୋକ କୁମାର ଭୋଇ ସଭାପତିତ୍ୱ କରିଥିବା ବେଳେ ପିପଲପାଲି କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀମାନେ ଯୋଗ ଦେଇଥିଲେ। ଚିନ୍ତାମଣୀ ରଣା, ଅର୍ଜୁନ ବରିହା, ଉମେଶ ଚନ୍ଦ୍ର ମିଶ୍ର, ଦିନବନ୍ଧୁ ସାହୁ, ପୃଥ୍ୱୀରାଜ ଯୋଶୀ, କିଶୋର ଚନ୍ଦ୍ର ସେଠ, ପାତାଳ ସାହୁ, ସୁଶୀଲ କାଲୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିବା ଲଳିତ ଦାଶ ପୂରେନା ଉପ୍ରା ବିଦ୍ୟାଳୟ, ଶତ୍ରୁଘ୍ନ ବରିହା ବରିହାପାଲି ଉପ୍ରା ବିଦ୍ୟାଳୟ, ମାଧ ବରିହା ପାଞ୍ଚଭାୟା ପ୍ରାଥମିକ ବିଦ୍ୟାଳୟ, ସିନ୍ଧୁସୁତା ସେଠ, କୁମ୍ଭିବାହାଲି ପ୍ରାଥମିକ ବିଦ୍ୟାଳୟ ଓ ମାୟାଧର ପଣ୍ଡା ଜ୍ଞାନ ଉପ୍ରା ବିଦ୍ୟାଳୟର ଶିକ୍ଷକଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ରିଟାୟରମେଣ୍ଟ ବେନିଫିଟ ସାର୍ଟିଫିକେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସହ ବ୍ଲକ ଶିକ୍ଷା ଅଧିକାରୀ ଶିବପ୍ରସାଦ ଯୋଶୀ, ରାମସିଂ ଭୋଇ ଓ ବରିଷ୍ଠ କିରାଣୀ ଦିଲ୍ଲୀପ ଭୋଇ ଉପସ୍ଥିତ ଥିଲେ।



# ବିପଦସଙ୍କୁଳ ଅବସ୍ଥାରେ ଝାରସୁଗୁଡ଼ା ଓଭରବ୍ରିଜ୍

**ଝାରସୁଗୁଡ଼ା, ୧୬(ସମିସ)**



ଝାରସୁଗୁଡ଼ା ସହରକୁ ବେହେରାମାଲରୁ ମୁଖ୍ୟରାସ୍ତାକୁ ଯୋଡୁଥିବା ସହରର ଏକମାତ୍ର ଓଭରବ୍ରିଜ୍ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ୬୮ ବର୍ଷ ପୂର୍ବେ ରେଳବାଇ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ଓଭରବ୍ରିଜ ଉଭୟ ରେଳବାଇ ଓ ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଏହା ବଦଳରେ ଆଉ ଏକ ଫୋରଲେନ ଓଭରବ୍ରିଜ୍ ନିର୍ମାଣ କରିବାକୁ ଦାବି ହେଉଛି। ବିଗତ ୩ ବର୍ଷ ପୂର୍ବରୁ ଏନେଇ ବିଭାଗୀୟ ସର୍ଭେ କାମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଓଭବ୍ରିଜ୍ ରେଳବାଇ ପକ୍ଷରୁ ସେତେବେଳେ ଲୋକଙ୍କୁ ବହୁଳ ଆବଶ୍ୟକତାକୁ ଆଖି ଆଗରେ ରଖି ନିର୍ମାଣ କରାଯାଇଥିଲା। ତେବେ ଏବେ ମାତ୍ରାଧିକ ଟ୍ରାଫିକ ସହିତ ଓଭରବ୍ରିଜ୍‌ଟି ପୁରୁଣା ହୋଇ ଯାଇଥିବାରୁ ଏହାର ଲୁହାଗାଡ଼ର ସହିତ ସ୍ଥାନ ବି ଦୁର୍ବଳ ହୋଇ ପଡ଼ିଛି। କିଛିଦିନ ପୂର୍ବରୁ ଏହି ଓଭରବ୍ରିଜରୁ କଂକ୍ରିଟ ଖସିବା ନେଇ ରେଳବାଇ ପାଖରେ ଅଭିଯୋଗ ହୋଇଥିଲା। ଦକ୍ଷୀଣ ପୂର୍ବ ରେଳବାଇ ପକ୍ଷରୁ ଏହି ଓଭରବ୍ରିଜରେ କେତେବେଳେ କେମିତି ମରାମତି ମଧ୍ୟ କରାଯାଉଛି। ଏହା ମଧ୍ୟରେ ରେଳବାଇ ଏକାଧିକବାର ରେଳବାଇ ଏହି ଏହାର ମରାମତି କରିସାରିଛି। ଝାରସୁଗୁଡ଼ା ସହର ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଯାହାକି କୁଚିଣ୍ଡା ଦେଇ ଯାଇଛି। ଏହି ରାଜପଥ ଅଧୀନରେ ବର୍ତ୍ତମାନ ଏହି ଓଭରବ୍ରିଜ୍ ଆସୁଛି। ରାଜପଥ ବିଭାଗ ପକ୍ଷରୁ ଏହି ଓଭରବ୍ରିଜ୍ ନୂତନ ଭାବେ ନିର୍ମାଣ କରିବାକୁ ଦାବି ହୋଇଛି। ଏହି ବ୍ରିଜ୍ ଆବଶ୍ୟକତାରୁ ଆଖି ଆଗରେ ରଖି ପୂର୍ବତନ ଜିଲ୍ଲାପାଳ ସରୋଜ ସାମଲଙ୍କ ପ୍ରଚେଷ୍ଟାରେ ଗତ ବର୍ଷ ଝାରସୁଗୁଡ଼ା ଏନଏଚ୍ ବିଭାଗ ଓ ପୂର୍ତ୍ତ ବିଭାଗ ଓ ରେଳବାଇ ମିଳିତ ଭାବରେ ସର୍ଭେ କରିଥିଲେ। ଏହି ଓଭରବ୍ରିଜ୍ ନିର୍ମାଣ ପାଇଁ ଏକ ଖସଡ଼ା ତିଆରି କରିବାକୁ ଜିଲ୍ଲାପାଳ କହିଥିଲେ। କିନ୍ତୁ ଏହି ସର୍ଭେକୁ ଏକ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ ଏହାର କୋଣସି ଅଗ୍ରଗତି ହୋଇନାହିଁ। ଓଭରବ୍ରିଜ୍ ୪ ଲେନ ବିଶିଷ୍ଟ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ୱାରେଣ୍ଟି ବିରୋଧରେ ଢେଙ୍ଗୁରା ବଜାଇ ଲଟ୍‌କା ଜାରି

**ଦେବଗଡ଼, ୧୬(ସମିସ):** ଦେବଗଡ଼ ଥାନା ଗୋଶାଳାର ଫେଗାର କୁଲୁ ବାଗ ଓ ପୁରୁଣାଗଡ଼ ଗ୍ରାମର ମୋହନ ଓରଫ ରିଙ୍କୁ ବେହେରା ବିରୋଧରେ ପୁଲିସ ଢେଙ୍ଗୁରା ବଜାଇ ଲଟକା ଜାରି କରିଛି। ଅଦାଲତର ନିର୍ଦ୍ଦେଶରେ ଉଭୟଙ୍କ ଘର ସାହିରେ ଢେଙ୍ଗୁରା ବଜାଇ ପୁଲିସ ଅଦାଲତଙ୍କ ନିର୍ଦ୍ଦେଶ ପଢ଼ିଛି। ଏହାସହ ଉଭୟଙ୍କ ଘର ଓ ସାହିର ବିଭିନ୍ନ ସ୍ଥାନରେ ଲଟକା ଜାରି କରିଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୋର୍ଟ କିମ୍ବା ଥାନାରେ ଉପସ୍ଥିତ ନ ହେଲେ ଉଭୟଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନୋଟିସ୍ ଜାରି ହୋଇଛି।



## ବଜ୍ରାଘାତରେ ଯୁବକ ମୃତ

**ଝାରସୁଗୁଡ଼ା, ୧୬(ସମିସ):** ବେଲପାହାଡ଼ ଥାନା ଅନ୍ତର୍ଗତ ଠୁଙ୍ଗିଆଡେରା ଗ୍ରାମର ଜଣେ ଯୁବକଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର କୃଷ୍ଣ ମାଝୀଙ୍କ ପୁଅ ସନ୍ତୋଷ ମାଝୀ (୩୦)। ଶୁକ୍ରବାର ଅପରାହ୍ନରେ ବେଲପାହାଡ଼ ସହର ସମେତ ବିଭିନ୍ନ ସ୍ଥାନରେ ପ୍ରବଳ ବେଗରେ ପବନ ବହିବା ସହ ସ୍ୱଳ୍ପ ବର୍ଷା, ବଜ୍ରପାତ ଓ ବିଜୁଳି ମାରିଥିଲା। ଦୀର୍ଘ ସମୟ ଧରି ସନ୍ତୋଷ ଘରକୁ ଫେରିନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିବା ବେଳେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ପରେ ରାତିରେ ଗାଁ ନିକଟସ୍ଥ ଜଙ୍ଗଲରେ ଏକ ଆମ୍ବ ଗଛ ତଳେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ସନ୍ତୋଷ ଜଙ୍ଗଲକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହଠାତ୍ ଏକ ବଜ୍ରାଘାତର ଶିକାର ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ତେବେ ଏହି ବଜ୍ରାଘାତରେ ତାଙ୍କ ଶରୀର ଜଳିଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଶବ ଜବତ କରିବା ସହ ବେଲପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରଙ୍କୁ ମୃତଦେହ ହସ୍ତାନ୍ତର କରିଛି। ବଜ୍ରାଘାତରୁ ସନ୍ତୋଷଙ୍କ ଏଭଳି ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଜଲ୍ଲା ପ୍ରଶାସନ ତାଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଝାରସୁଗୁଡ଼ା, ୧୬(ସମିସ):** ବନହରପାଲି ଥାନା ଅନ୍ତର୍ଗତ ଦଲଗାଁ ପଞ୍ଚାୟତ ବାସୁପାଲି ଗ୍ରାମର ଜଣେ ଯୁବକଙ୍କୁ ସାପ କାମୁଡ଼ି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଅଞ୍ଚଳର ଗୋବିନ୍ଦ କିଶାନ (୩୨)। ସେ ବାସୁପାଲିରେ ରହୁଥିଲେ ହେଲେ; ଶୁକ୍ରବାର ରାତିରେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ସକାଳେ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ସଦର ମହକୁମା ଡାକ୍ତରଖାନାକୁ ନେବାରୁ ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ବେଳେ ସାପ କାମୁଡ଼ି ଥିବା କହି ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ରେଫର କରିଥିଲେ।

ଝାରସୁଗଡ଼ାରୁ ଘରୁ ବାହାରିଥିଲେ ହେଲେ ଗ୍ରାମକୁ ପହଞ୍ଚିବା ପରେ ଦେହ ଆହୁରି ଅସୁସ୍ଥ ହେବାରୁ ବୁର୍ଲା ଡାକ୍ତରଖାନାକୁ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଛନ୍ତି।

## ଅସରାଏ ବର୍ଷା ଆଣିଦେଲା ଆଶ୍ୱସ୍ତି

**ଝାରସୁଡ଼ା, ୧୬(ସମିସ):** ଘଡ଼ଘଡ଼ି ସହ ଅସରାଏ ବର୍ଷା ଆଣିଦେଲା ଆଶ୍ୱସ୍ତି। ଗତ କିଛି ଦିନ ହେବ ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ଗରମ୍ ସହିତ ଗୁଳୁଗୁଳି ଯୋଗୁଁ ଲୋକେ ତହଳବିକଳ ହେଉଥିଲେ। ଦୁଇ ଦିନ ତଳେ ଝାରସୁଗୁଡ଼ା ତାପମାତ୍ରା ୪୭ ପାର ହୋଇଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାର ସାତ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶନିବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ଲୋକେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ପ୍ରବଳ ବେଗରେ ପବନ ବହିବା ଯୋଗୁଁ ସହରର ସରବାହାଲ ଏକାତାଲି, ବିଟିଏମ, ବଢ଼େଇମୁଣ୍ଡା, ମଙ୍ଗଳବଜାର, ବୁଢ଼ାପଡ଼ା, ବୁରୋମାଳ, ବଡ଼ମାଳ ଏକାତାଲି, ଭାଗିପାଲି, ଭୁରୁକାମୁଣ୍ଡା, ହିରମା, ତରେଇକେଲା ଓ ତୁମେଇକେଲା ଅଞ୍ଚଳର ଅସ୍ଥାୟୀ ଦୋକାନଗୁଡ଼ିକର ଆଜ୍‌ବେଷ୍ଟ ଉଡ଼ାଇ ନେଇଥିବା ବେଳେ ଗଛ ଭାଙ୍ଗିଥିଲା। ଏଥିପାଇଁ ବିଦ୍ୟୁତ୍ ବିଭ୍ରାଟ ଦେଖାଯାଇଥିଲା।

## ମାରୁତି ଭ୍ୟାନ୍ ଓଲଟି ଜଣେ ମୃତ

**ଝାରସୁଗୁଡ଼ା, ୧୬(ସମିସ):** ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ବମ୍ବେ ଛକ ବିଜୁନଗର ରାସ୍ତାରେ ଏକ ମାରୁତି ଭ୍ୟାନ ଓଲଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଝାରସୁଗୁଡ଼ା ବିଜୁ ନଗର ଅଞ୍ଚଳର ଅନୀଲ କୁମାର ଠାକୁର (୩୮)। ଶୁକ୍ରବାର ବିଳମ୍ବିତ ରାତିରେ ଏକ ମାରୁତି ଓମନି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଅନୀଲ ଗାଡ଼ିରେ ଚାପିହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି।

## ଆହତ କୁଟୁରା ଉଦ୍ଧାର

**ଦେବଗଡ଼, ୧୬(ସମିସ):** ଦେବଗଡ଼ ରଜାମୁଣ୍ଡା ନୂଆସାହି ନିକଟରୁ ଶନିବାର ସନ୍ଧ୍ୟାରେ ଏକ ଆହତ କୁଟୁରାକୁ ବନ ବିଭାଗ ଉଦ୍ଧାର କରିଛି। ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରୁ କୁଟୁରାଟି ସହର ପଟକୁ ଚାଲି ଆସିଥିବା ସମୟରେ ବୁଲା କୁକୁର କୁଟୁରାକୁ ଗୋଡ଼ାଇ ଥିଲେ। ଜୀବନ ବଞ୍ଚାଇବାକୁ କୁଟୁରାଟି ରଜାମୁଣ୍ଡା ନୂଆସାହି ନିକଟରେ ଥିବା ଏକ ୱେଲଡିଂ ଦୋକାନ ମଧ୍ୟକୁ ପଶି ଆସିଥିଲା। ତେବେ ଏହା ଦେଖି ସମ୍ପୃକ୍ତ ଦୋକାନ ମାଲିକ ଓ ସ୍ଥାନୀୟ ବାସିନ୍ଦା କୁଟୁରାକୁ ଉଦ୍ଧାର କରି ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ଦେବଗଡ଼ ବନ ବିଭାଗର କର୍ମଚାରୀ ପହଞ୍ଚି କୁଟୁରାକୁ ଉଦ୍ଧାର କରିଥିଲେ। କୁଟୁରାଟିକୁ ବନ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା କରାଯାଇଛି।



## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଝାରସୁଗୁଡ଼ା, ୧୬(ସମିସ):** ଝାରସୁଗୁଡ଼ା ବଡ଼ମାଲ ଥାନା ଅନ୍ତର୍ଗତ ଶ୍ରୀପୁରାରେ ଜଣେ ଯୁବକର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ଯୁଧିଷ୍ଠିର ରୋହିଦାସ (୩୯)। ଦେହ ଅସୁସ୍ଥ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ବଡ଼ମାଲ ପୁଲସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିଛି।

## ଡ. ସରୋଜ କୁଅଁରଙ୍କ ଅବସର ଗ୍ରହଣ

**ଝାରସୁଗୁଡ଼ା, ୧୬(ସମିସ):** ଝାରସୁଗୁଡ଼ା ମହିଳା ବିଦ୍ୟାଳୟରେ ଅଧକ୍ଷ ଡ. ସରୋଜ କୁଅଁରଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ମହାଆଡମ୍ବରରେ ସମାପନ ହୋଇଯାଇଛି। ସହରର ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ ଓ ସାହିତ୍ୟପ୍ରେମୀ ମହାବିଦ୍ୟାଳୟକୁ ଆସି ଡ. କୁଅଁରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଡ.ସରୋଜ କୁଅଁର ଜଣେ ସୁସାହିତ୍ୟିକ, ସମାଜସେବୀ, ପରୋପକାରୀ, ଛାତ୍ରବତ୍ସଳ ଓ ଦୂରଦ୍ରଷ୍ଟା ସମ୍ପନ୍ନ ବ୍ୟକ୍ତି ଅଟନ୍ତି। ମହାବିଦ୍ୟାଳୟର ପୂର୍ଣ୍ଣାଙ୍ଗ ବିକାଶରେ ତାଙ୍କ ଭୂମିକା ଅବିସ୍ମରଣୀୟ। କଲେଜ ଗେଟ ନିର୍ମାଣ, ଡ୍ରାମା ପେଣ୍ଡାଲ ନିର୍ମାଣ, ସାତଟି ପ୍ରମୁଖ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, କଲେଜର ସମ୍ପ୍ରସାରିତ ନୂତନ କୋଠା ନିର୍ମାଣ, କଲେଜ ନାମରେ ଜମିପଟ୍ଟା ହାସଲ, ସର୍ବୋପରି କଲେଜ ପରିସର ସୌନ୍ଦର୍ଯ୍ୟକରଣରେ ତାଙ୍କ ପ୍ରଚ୍ଛନ୍ନ ହାତ ରହିଛି। ତାଙ୍କର ପ୍ରେରଣା ହେତୁ ଅନେକ ଛାତ୍ରୀ ରାଜ୍ୟସ୍ତରରେ ସମ୍ମାନିତ ହେବାର ସୁଯୋଗ ପାଇଛନ୍ତି। ତାଙ୍କର ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି ଛାତ୍ରୀ, ଅଧାପକ, ଅଧାପିକା, କର୍ମଚାରୀ ତଥା ମହାବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟମାନେ ଶୁଭକାମନା ଜ୍ଞାପନ କରିଥିଲେ।



## ବେଲପାହାଡ଼ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା, ୧୬(ସମିସ) :** ବେଲପାହାଡ଼ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର କୁମାର ଭୋଇଙ୍କ ଅଧକ୍ଷତାରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅବସରପ୍ରାପ୍ତ ଅଧାପିକା ଡ. ରତ୍ନା ସେନଗୁପ୍ତା, ଅଧାପକ ରୁଦ୍ରଦେବ ନାଏକ ଓ ପ୍ରୟୋଗଶାଳା ପରିଚାରକ ଅନନ୍ତରାମ ବିଶ୍ୱାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡ. ସେନଗୁପ୍ତା ଇତିହାସ ବିଭାଗର ଅଧାପିକା ଭାବରେ ୧୯୮୯ ମସିହାରେ କର୍ମମୟ ଜୀବନର ଆରମ୍ଭ କରିଥିଲେ ଓ ଦୀର୍ଘ ୩୫ ବର୍ଷ କାଳ ଏହି ଶିକ୍ଷାନୁଷ୍ଠାନରେ ସେ ନିଷ୍ଠାପର ଭାବେ ଶିକ୍ଷାଦାନ କରିଥିଲେ। ସେହିପରି ଶ୍ରୀ ନାଏକ ଶିକ୍ଷା ବିଭାଗର ଅଧାପକ ଭାବରେ ୧୯୯୧ ମସିହାରେ ଯୋଗଦାନ କରି ୩୩ ବର୍ଷ ଧରି ଏହି ଶିକ୍ଷାନୁଷ୍ଠାନରେ ନିଷ୍ଠାପର ଭାବେ ଶିକ୍ଷାଦାନ କରିଥିଲେ। ଶ୍ରୀ ବିଶ୍ୱାଳ ୧୯୯୬ ମସିହାରୁ ନିରବଚ୍ଛିନ୍ନ ଭାବରେ ଦୀର୍ଘ ୨୮ ବର୍ଷ ଧରି ଜଣେ କର୍ମଚାରୀ ଭାବରେ ଏହି ମହାବିଦ୍ୟାଳୟ ସହିତ ଜଡ଼ିତ ଥିଲେ। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ରଜରାଜନଗର କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ବ୍ରଜରାଜନଗର, ୧୬(ସମିସ):** ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ଅର୍ଥନୀତି ବିଭାଗ ମୁଖ୍ୟ ପଦ୍ମିନୀ ତ୍ରିପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରାଧାପକ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ବିଜୟ କୁମାର ସାହୁ, ଜୟନ୍ତ କୁମାର ମିଶ୍ର, ବିକ୍ରମ ପ୍ରଧାନ, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ପଦ୍ମାବତୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଅଧାପକ ବିକାଶ ନାୟକ, ସୁମିତ ତିର୍କି, ପିଏସ୍ ବାଗ, ଏନ୍‌ଜି ପଣ୍ଡା, ଆଶିଷ ଅବସ୍ଥି, ମନୋଜ ପାଟ୍ଟଯୋଷୀ, ଆଇଏମ୍‌ରାଣା, ଏଚ୍‌କେ ମହାପାତ୍ରଙ୍କ ସମେତ ଅଧାପକ ଅଧାପିକା ତଥା କଲେଜ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ସଂଗ୍ରହାଳୟ କରାଯାଉ

**ଝାରସୁଗୁଡ଼ା, ୧୬(ସମିସ):** ହୀରାକୁଦ ବନ୍ଧ ନିର୍ମାଣ ପୂର୍ବରୁ ପଶ୍ଚିମ ଓଡ଼ିଶାର ତତ୍କାଳୀନ ସମ୍ବଲପୁର ବା ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲାର ଏକ ସମ୍ଭ୍ରାନ୍ତ ଅଞ୍ଚଳ ଜଳମଗ୍ନ ହେବା ସହ ଏହି ଅଞ୍ଚଳରେ ଶିଳ୍ପ ଓ ଖଣି ତାର କାୟା ବିସ୍ତାର କରିବାରେ ଲାଗିଛି। ଏମିତିରେ ଜିଲ୍ଲାର ଅନେକ କିର୍ତ୍ତିରାଜୀ ଦିନକୁ ଦିନ ବିଲୁପ୍ତ ହେବାରେ ଲାଗିଛି। ଏହି କିର୍ତ୍ତିରାଜୀକୁ ସାଇତି ରଖିବାକୁ ଜିଲ୍ଲାରେ ନିଶ୍ଚିତ ଭାବରେ ଏକ ସଂଗ୍ରାଳୟର ଆବଶ୍ୟକତା ରହିଛି। ଏହି ସଂଗ୍ରାହଳରେ ଝାରସୁଗୁଡ଼ା ଜିଲ୍ଲାରେ ରହିଥିବା ପୋଥି, ବିଶେଷ ଭାବରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପୂର୍ବରୁ ରହିଥିବା ଓଡ଼ିଆ ପୋଥିଗୁଡ଼ିକ, ବିଲୁପ୍ତ ପ୍ରାୟ ବାଦ୍ୟ ଯନ୍ତ୍ର, ଲୁଗାପଟା, ହାତହତିଆର, କୃଷି ଉପକରଣ ଓ ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଟିତଳୁ ଉଦ୍ଧାର ହୋଇଥିବା ପ୍ରାକ ସଭ୍ୟତାର କିର୍ତ୍ତି ଓ ଶିଳାଲିପି ଏହି ଅଞ୍ଚଳରେ ପ୍ରଚଳିତ ହେଉଥିବା ମୁଦ୍ରା ଏମିତି ଅନେକ ଅମୂଲ୍ୟ ବସ୍ତୁ ଏହି ସଂଗ୍ରାଳୟରେ ସ୍ଥାନ ପାଇପାରନ୍ତା। ଆଗାମୀ ପିଢ଼ୀ ପାଇଁ ଏହି ଜିଲ୍ଲାରେ ମିଳୁଥିବା ଅମୂଲ୍ୟ ଧରୋହରକୁ ସାଇତି ରଖିବାକୁ ନିଶ୍ଚିତ ଭାବରେ ସଂଗ୍ରାଳୟ ଆବଶ୍ୟକ। ଜିଲ୍ଲାରେ ଶହ ଶହ କୋଟି ଟଙ୍କାର ଜିଲ୍ଲା ଖଣିଜ ପାଣ୍ଠିରୁ ଅନ୍ୟାନ ବିକାଶ କାର୍ଯ୍ୟ ହେଉଥିବାବେଳେ ଏହି ଜିଲ୍ଲାର ଐତିହକୁ ସମଗ୍ର କରି ରଖିବାକୁ ନିଶ୍ଚିତ ଭାବରେ ସଂଗ୍ରାଳୟର ଆବଶ୍ୟକତା ରହିଛି ବୋଲି ବଭିନ୍ନ ମହଲରେ ଦାବି ହୋଇଛି। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ସ୍ୱର୍ଗତ ନବ ଦାସ ଜୀବିତ ଅବସ୍ଥାରେ ଏହି ସଂଗ୍ରାହଳୟ କରିବାକୁ ଲୋକଙ୍କ ଦାବିକୁ ଉଚତି ବୋଲି କହିଥିଲେ। ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ପକ୍ଷରୁ ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

### ସେମାନେ ଯାହା କୁହନ୍ତି

ଝାରସୁଗୁଡ଼ା ଜିଲ୍ଲାରେ ଶହଶହ କୋଟି ଟଙ୍କାର ଖଣିଜ ପାଣ୍ଠି ରହିଛି। ଏହି ପାଣ୍ଠିରୁ ଜିଲ୍ଲାରେ ନିଶ୍ଚିତ ଭାବରେ ସଂଗ୍ରହାଳୟଟିଏ ହେବାର ଆବଶ୍ୟକତା ରହିଛି। ଝାରସୁଗୁଡ଼ା ଆଗାମୀ ଦିନରେ ଏକ ବ୍ୟବସାୟିକ ହବ୍ ହେବାକୁ ଯାଉଛି। ଏଠାକୁ ଆସୁଥିବା ବ୍ୟବସାୟୀ କିମ୍ବା ପର୍ଯ୍ୟଟକମାନଙ୍କୁ ଜିଲ୍ଲାର କିର୍ତ୍ତିରାଜୀ ସହିତ ପରମ୍ପରା ଓ ଐତିହ୍ୟ ଏହି ସଂଗ୍ରହାଳୟରେ ଦେଖି ପାରିବେ। ଏହା ଛଡ଼ା ଆଗାମୀ ଦିନରେ ଆମେ ଆମର ପରପଢ଼ିକୁ କଣ ଦେଖାଇବା ଏଠିକାର ଭଗ୍ନ ଶିଳ୍ପ ବା ଖାଲି କୋଇଲା ଖଣି। ଏଣୁ ଜିଲ୍ଲାରେ ନିଶ୍ଚିତ ଭାବରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ ଅବଶ୍ୟକତା ରହିଛି।



**ପ୍ରତ୍ୟୁଷ ପଣ୍ଡା, ବରିଷ୍ଠ ବ୍ୟବସାୟିକ ଅଧିକାରୀ ମୁମ୍ବାଇ ତଥା ବ୍ରଜରାଜନଗରର ବାସିନ୍ଦା**



ଅମୂଲ୍ୟ ସମ୍ପଦକୁ ସୁରକ୍ଷା ଦେବାକୁ ହେଲେ ଜିଲ୍ଲାସ୍ତରରେ ଏକ ସଂଗ୍ରହାଳୟ ନିହାତି ଆବଶ୍ୟକ। ଝାରସୁଗୁଡ଼ା ଜିଲ୍ଲାକୁ ୨୫ ବର୍ଷ ପୂରିବା ପରେ ମଧ ଏହି ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅନେଗୁଡ଼ିଏ ଦୁର୍ଲଭ ଦ୍ରବ୍ୟ ହଜି ଗଲାଣି। ଏହି ଦିଗରେ ଆମର ଜିଲ୍ଲାପାଳ ଆଗ୍ରହ ପ୍ରକାଶ କରିଛନ୍ତି। ଯାହା ପାଖରେ ଯେଉଁ ବିରଳ ଦ୍ରବ୍ୟ ଅଛି ତାକୁ ସ୍ଥାନୀୟସ୍ତରରେ ସଂଗ୍ରହର ବ୍ୟବସ୍ଥା କରାଯାଇ ପାରିଲେ ଜିଲ୍ଲାର ଗରିମା ବୃଦ୍ଧି ହେବ ଓ ବିଲୁପ୍ତ ଦ୍ରବ୍ୟ ନଷ୍ଟ ହେବ ନାହିଁ।

**ତପନ କୁମାର ବାରିକ, ଅଧାପକ-ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ା**



ଝାରସୁଗୁଡ଼ାରେ ନିଶ୍ଚିତ ଭାବରେ ଏକ ସଂଗ୍ରହାଳୟର ଅବଶ୍ୟକତା ରହିଛି। ଏହା ଦୀର୍ଘବର୍ଷ ପୂର୍ବରୁ ହେବାର କଥା। ଗୋଟିଏ ବିକଶିତ ଅଞ୍ଚଳର ବିକାଶ ଧାରା ସହିତ ସେହିସ୍ଥାନର ଇତିହାସ ମଧ ଏହି ସଂଗ୍ରହାଳୟରେ ରହିବା ଦରକାର। ଏଣୁ ଜିଲ୍ଲା ପ୍ରଶାସନ ନିଜସ୍ୱ ପ୍ରଚେଷ୍ଟାରେ ଝାରସୁଗୁଡ଼ାରେ ସଂଗ୍ରାହଳୟ ନିର୍ମାଣ କରିବା ଅବଶ୍ୟକ। ଏହି ସଂଗ୍ରହାଳୟ ପାଇଁ ଆଖପାଖରେ କାର୍ଯ୍ୟକରୁଥିବା ଶିଳ୍ପ ସଂସ୍ଥାମାନେ ମଧ ଆଗେଇ ଆସିବା କଥା।

**ଶ୍ୟାମସୁନ୍ଦର ଶତପଥି, ଆବାହକ, ବେଲପାହାଡ଼ ନାଗରିକ ମଞ୍ଚ**

ଆଗାମୀ ପିଢ଼ିକୁ ଆମର ସଂସ୍କୃତି, ଇତିହାସ, ସାମାଜିକ ଅବସ୍ଥାର ପରିବର୍ତ୍ତନ, ତଥା ହଜି ଯାଉଥିବା ଅମୂଲ୍ୟ ସମ୍ପଦକୁ ଦେବାର ଆବଶ୍ୟକତା ରହିଛି। ହୀରାକୁଦ ବନ୍ଧର ନିର୍ମାଣ ପରେ ଆମ ଆଖି ଆଗରେ ଏକ ସଂସ୍କୃତି ଲୋପ ପାଇଗଲା। ଆଜି ମଧ ଅନେକ ଅବଲୁପ୍ତ ପୋଥି, ହାତ ହତିଆର, ଅଳଙ୍କାର, କଳା ସଂସ୍କୃତି ସମ୍ପନ୍ନ କିଛି

# ଟିଆରଏଲ୍ କ୍ରୋସାକିରେ ରକ୍ତଦାନ ଶିବିର; ୭୨ ୟୁନିଟ ରକ୍ତ ସଂଗ୍ରହ

**ଝାରସୁଗୁଡ଼ା, ୧୬ (ସମିସ):** ବେଲପାହାଡ଼ସ୍ଥିତ ଟିଆରଏଲ କ୍ରୋସାକି କମ୍ପାନୀର ସିଏସଆର ବିଭାଗ ପକ୍ଷରୁ ଟିଆରଏଲ କ୍ରୋସାକି ଡାକ୍ତରଖାନାଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ଅରବିନ୍ଦ ଦାସ, ଟିଆରଏଲ୍ କ୍ରେସାକିର ବରିଷ୍ଠ ଅଧିକାରୀ ନିରଞ୍ଜନ ଦାଶ, ଡା. ରାଜୀବ ସିଂଦେଓ, ଡା. ଦୀନେଶ କୁମାର ଶର୍ମା, ଅନିରୁଦ୍ଧା ମିଶ୍ର, ଡା. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ସୁଜାତା ଦାଶ ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଟିଆରଏଲ କ୍ରୋସାକି କମ୍ପାନୀର ଅଧିକାରୀ, ଶ୍ରମିକ, ସୁରକ୍ଷା କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ମିଶି ମୋଟ ୭୨ ୟୁନିଟ ରକ୍ତଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଦମ୍ପତି ଅଭୟ ପତ୍ନୀ ଅନୁରାଧା ପ୍ରସାଦ ଓ ସ୍ୱାମୀ ଜିତେଶ ଶାହା ରକ୍ତଦାନ କରି ଏକ ମହତ କାର୍ଯ୍ୟରେ ସାମିଲ ହୋଇଥିବାରୁ ଖୁସି ଅନୁଭବ କରିଥିବା ମତପ୍ରକାଶ କରିଛନ୍ତି। ଶିବିରରେ ଡା. ଆର. ସିହଦେଓ, ଡା. ଡି. ଶର୍ମା, ବୁର୍ଲା ରକ୍ତ ଭଣ୍ଡାରର କର୍ମଚାରୀ ମଣ୍ଟୁ ପ୍ରଧାନ, ଦେବାଶିଷ ମିଶ୍ର, କରୁଣାକର ସାହୁ, ନିତୁ ଦାସ, କବିତା ନାଏକ, ସମୀର ଦାସ, ଗାୟତ୍ରୀ ବେହେରା, ଜନକ ବେହେରା, ପାଇନୁ ଭୋଇ ପ୍ରମୁଖ ସାମିଲ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିର ଆୟୋଜନରେ ଉପନ ସାହୁ, ଟିଆରଏଲ କ୍ରୋସାକି ସିଏସଆର ବିଭାଗର ବ୍ରଜବନ୍ଧୁ ଶତପଥୀ, ଜ୍ୟୋତିର୍ମୟୀ ପଟ୍ଟନାୟକ, ଭାସ୍କର ରଣା ପ୍ରମୁଖ ସହଯୋଗ କରିଥିଲେ।




## ଋତୁସ୍ରାବକାଳୀନ ସ୍ୱାସ୍ଥ୍ୟ ପରିଚ୍ଛନ୍ନତା ସପ୍ତାହ

# ଗ୍ରାମାଞ୍ଚଳ ମହିଳା ହେଉଛନ୍ତି ସଚେତନ

**ଝାରସୁଗୁଡ଼ା, ୧୬(ସମିସ)**

ବେଦାନ୍ତ ପକ୍ଷରୁ ଋତୁସ୍ରାବକାଳୀନ ସ୍ୱାସ୍ଥ୍ୟ ସଚେତନତା ଉପରେ ତୃଣମୂଳସ୍ତରରେ ବହୁତ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି। ମାସିକ ଋତୁସ୍ରାବ ସମୟର ସମସ୍ୟାକୁ ହ୍ରାସ କରିବା ଓ ଗୋଷ୍ଠୀକୁ ସ୍ୱାସ୍ଥ୍ୟ ଓ ସୁସ୍ଥତା ଉପରେ ସୂଚନା ଦେବା ଉପରେ ଗୁରୁତ୍ୱ ଦେଇଛି। ମାସିକ ଋତୁସ୍ରାବ ସମ୍ପର୍କିତ ସୁସ୍ଥତା ଓ ପରିଚ୍ଛନ୍ନତା ଗ୍ରାମାଞ୍ଚଳରେ ଏକ ଅବହେଳିତ ବିଷୟ। ଏହାଦ୍ୱାରା ଅନେକଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇଛି। ଏହାର ଜବାବରେ ବେଦାନ୍ତ ଆଲୁମିନିୟମ ସମସ୍ୟାର ସମାଧାନ ପାଇଁ ସଚେତନତା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡ଼ିକୁ ଆୟୋଜିତ କରିଛି। କମ୍ପାନିର କାର୍ଯ୍ୟ ପରିସର ଝାରସଗୁଡ଼ାର ଆଲୁମିନିୟମ କାରଖାନା ଓ ଲାଂଜିଗଡ଼ର ଆଲୁମିନା ରିଫାଇନାରୀ ସହିତ ବାଲକୋ କୋରବାରେ ଅବସ୍ଥିତ ଆଇକନିକ ଆଲୁମିନିୟମ କାରଖାନା ପରିସରକୁ ଅର୍ନ୍ତଭୁକ୍ତ କରାଯାଇଛି। ମାସିକ ଋତୁସ୍ରାବକାଳୀନ ପରିଚ୍ଛନ୍ନତା ସପ୍ତାହ ପାଳନ ଅବସରରେ କମ୍ପାନି ବାଲକୋରେ ଏହି ସଚେତନତା ନୟୀ କରଣ ଅଧିନରେ ଆୟୋଜିତ କରିଥିଲା। ଏଥିରେ ପପେଟ ଥିଏଟର ଠାରୁ ଆରମ୍ଭ କରି ସାମାଜିକ ଡକ୍ୟୁମେଣ୍ଟାରୀ ଓ ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚଳଚିତ୍ର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଗଣମାଧ୍ୟମ ପ୍ରଦର୍ଶିତ ହୋଇଥିଲା। ବାଲକୋର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଅଂଶ ଭାବରେ ପୁନଃବ୍ୟବହାର ଯୋଗ୍ୟ ପ୍ୟାଡ ସିଲାଇ କରିବାରେ ଗୋଷ୍ଠୀ ସଦସ୍ୟଙ୍କ ସହ ଯୋଗଦାନ କରିଥିଲେ। ପରେ ଗରିବ ମହିଳା ଓ କିଶୋରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏକ ନିରାପଦ ସ୍ଥାନ ଅଭିଯାନ ଦ୍ୱାରା ଏହାକୁ ସମର୍ଥନ କରାଯାଇଥିଲା। ଯେଉଁଠାରେ କମ୍ପାନି ଋତୁସ୍ରାବ ସ୍ୱାସ୍ଥ୍ୟ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ପିରିୟଡ଼ ଉତ୍ପାଦ ବିକ୍ରି କରୁଥିବା ସ୍ଥାନୀୟ ବ୍ୟବସାୟିକ ପ୍ରତିଷ୍ଠାନ ସହ ସହଭାଗୀ ହୋଇଥିଲା। ସେମାନଙ୍କ ବ୍ୟବସାୟ ସ୍ଥଳରେ ଏକ ସୁଦୃଶ୍ୟ ପୋଷ୍ଟର ଓ ଷ୍ଟିକର ରଖି ଲୋକମାନଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରିଥିଲା। ୧୫୦୦ରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମରୁ ଉପକୃତ ହୋଇଥିଲେ। କମ୍ପାନି ମଧ ଝାରସୁଗୁଡ଼ା ଓ



କୋରାପୁଟର ବିଭିନ୍ନ ଅଙ୍ଗନବାଡ଼ି ସହିତ ସହଯୋଗ କରି ମାସିକ ଋତୁସ୍ରାବକାଳୀନ ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱଚ୍ଛତା ଉପରେ ଅଧିବେଶନ ଆୟୋଜନ କରିଥିଲା। କର୍ମଚାରୀମାନେ ସ୍ୱେଚ୍ଛାମୂଳକ ଭାବରେ ଡାକ୍ତରୀ କର୍ମଚାରୀଙ୍କୁ ସହଯୋଗ କରିଥିଲେ। ଗୋଷ୍ଠୀର ମହିଳାମାନଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲା। ଅଧିବେଶନରେ ନୁକଡ୍ଡ ନାଟକ ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ୟାଡ ଗାର୍ଲ କୁହାଯାଉଥିବା ପାୟଲ ପଟେଲଙ୍କ ନେତୃତ୍ୱରେ ଏକ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ପାରମ୍ପରିକ ଖେଳ ପୁଚି ପ୍ରଦର୍ଶନ ମଧ ହୋଇଥିଲା। ପରେ ଅଂଶଗ୍ରହଣକାରୀଙ୍କୁ କପଡ଼ା ପ୍ୟାଡ ବଣ୍ଟନ କରାଯାଇଥିଲା। ଏହି ପ୍ରୟାସରେ ଲାଂଜିଗଡ଼ର ୮ଟି ଗାଁର ୩୫୦ ମହିଳା ଉପକୃତ ହୋଇଥିଲେ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ଗ୍ରାମ୍ୟ ଭିତ୍ତିଭୂମି, କ୍ରୀଡ଼ା ଓ ସଂସ୍କୃତିର ପ୍ରସାର ମାଧ୍ୟମରେ ଗୋଷ୍ଠୀ ବିକାଶ ପାଇଁ କାର୍ଯ୍ୟ କରୁଛି। ଏହା କାର୍ଯ୍ୟ ପରିସରରେ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଗୁଡ଼ିକୁ ପରିଚାଳନା କରୁଛି ଯେପରିକି କୋରବାସ୍ଥିତ ବାଲକୋ ହସପିଟାଲ ଓ ଝାରସୁଗୁଡ଼ାର ଅତ୍ୟାଧୁନିକ ଡାଇଗ୍ନୋଷ୍ଟିକ ସେଣ୍ଟର। ଏହା ପ୍ରାଥମିକ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି। କମ୍ପାନିର ମୋବାଇଲ ହେଲଥ୍ ୟୁନିଟ୍ ଜରିଆରେ ଗ୍ରାମାଞ୍ଚଳର ଲୋକମାନେ ମୌଳିକ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ, କଲ୍ୟାଣକାରୀ ସଂସ୍ଥା ଓ ଗୋଷ୍ଠୀ ସଦସ୍ୟଙ୍କ ସହ ଘନିଷ୍ଠ ସହଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ଓଡ଼ିଶାରେ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନକୁ ସକ୍ରିୟ ଭାବରେ ପରିଚାଳନା କରୁଛି।

### ପାର୍କିଂ ସ୍ଥାନକୁ ଅନ୍ୟ କାମରେ ବ୍ୟବହାର

# ରିଲାଏନ୍ସ ସ୍ମାର୍ଟ ଷ୍ଟୋର୍‌କୁ ସିଲ୍ କଲା ଏସ୍‌ଏମ୍‌ସି

ସମ୍ବଲପୁର, ୧।୬(ସମିସ)

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫାଟକରେ ଥିବା ରିଲାଏନ୍ସ ସ୍ମାର୍ଟ ଷ୍ଟୋରକୁ ସିଲ୍ କରି ଦେଇଛି। ପାର୍କିଂ




ସ୍ଥାନରେ ଅନ୍ୟ ସମାଗ୍ରୀ ରଖିବା, କାଉଣ୍ଟର କରି ବ୍ୟବହାର କରାଯାଉଥିଲା। ତେଣୁ ଆଜି ଏହାକୁ ସିଲ୍ କରି ଦିଆଯାଇଛି। ଏସ୍‌ଏମ୍‌ସି କମିସନର ବେଦ ଭୂଷଣ, ଏସଡିପିଓ ତୋଫାନ ବାଗଙ୍କ ସହିତ ବ୍ୟାପକ ପୁଲିସ ମୁତାୟନ ରହିଥିଲେ। କମିସନର ବେଦ ଭୁଷଣ କହିଛନ୍ତି ଯେ, ବେଆଇନ ଭାବେ ମଲ୍ ଚାଲୁଥିଲା। ପାର୍କିଂ ସ୍ଥାନକୁ ଅନ୍ୟ କାମରେ ବ୍ୟବହାର କରାଯାଉଥିଲା। ଏସଡିଏ ଚୁକ୍ତିକୁ ଖିଲାପ କରିଥିବାରୁ ମଲ୍‌କୁ ସିଲ କରାଯାଇଛି ବୋଲି ସେ କହିଛନ୍ତି। ୩ ଦିନ ଭିତରେ ଖାଲି କରି ନିୟମ ଅନୁଯାୟୀ ମଲ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନମାନିଲେ ମଲ୍ ସିଲ ଖୋଲା ଯିବ ନାହିଁ ବୋଲି କୁହାଯାଇଛି। ଏସଏମସି ଏଭଳି ପଦକ୍ଷେପକୁ ସବୁଆଡେ ପ୍ରଶଂସା କରାଯାଉଛି। ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଦାବି ହେଉଛି। ସୂଚନା ଯୋଗ୍ୟ ଯେ, ଗତ ଏପ୍ରିଲ ମାସରେ ଏସଏମସି ପକ୍ଷରୁ ସର୍ବ ସାଧାରଣ ନୋଟିସ କରାଯାଇଥିଲା। ପାର୍କିଂ ସ୍ଥଳକୁ କେହି ଅନ୍ୟ କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ। କୋଠା ହେଉ କି ଆପାର୍ଟମେଣ୍ଟ, ଅଥବା ବ୍ୟବସାୟିକ ମହାନଗର ନିଗମ ଏଡିଏ ଆକ୍ଟ ୧୯୮୨ ଧାରା ୯୨(ଖ) ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯିବ। ନିର୍ଦ୍ଦେଶ ପାଳନ ନ କଲେ ଦୃଢ



କାର୍ଯ୍ୟାନୁଷ୍ଠାନ ହେବ। ଏଥିରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ପ୍ରତିଷ୍ଠାନ ଉପରେ ଫାଇନ ଅଥବା ଥାନାରେ ମାମଲା ରୁଜୁ ହୋଇପାରେ ବୋଲି ନିର୍ଦ୍ଦେଶ ନାମା କରାଯାଇଥିଲା। ଅନ୍ୟପଟେ କମିସନର ବେଦଭୂଷଣ ଆହୁରି କହିଛନ୍ତି ଯେ, ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଏସ୍‌ଏମ୍‌ସି ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଉଛି। କୋଠା ନିର୍ମାଣ ହୋଇଥିଲେ ମହାନଗର ନିଗମ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରରେ ଏକାଧିକ ସପିଙ୍ଗ ମଲ, ଅପାର୍ଟମେଣ୍ଟ ଆଦି ମନଇଚ୍ଛା ରାସ୍ତାକୁ ଲଗାଇ ଗାଡି ପାର୍କିଂ କରୁଛନ୍ତି। ଯାହାଫଳରେ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଟ୍ରାଫିକ ସମସ୍ୟା ଯୋଗୁଁ ଲୋକମାନେ ହଇରାଣ ହେଉଛନ୍ତି। ସମ୍ବଲପୁର ସହରରେ ଅନେକ ବ୍ୟବସାୟିକ ଅନୁଷ୍ଠାନ ରହିଛି। ଏସଡିଏ ଅନୁମତି ଦେବା ସମୟରେ ଆବଶ୍ୟକ ପାର୍କିଂ ବ୍ୟବସ୍ଥା କରିବାକୁ ସର୍ତ୍ତ ରହିଥାଏ। ତେଣୁ ବିଭିନ୍ନ ସଂସ୍ଥା ପାର୍କିଂ ନିର୍ମାଣ କରି ଅନୁମତି ପାଇଲା ପରେ ତାକୁ ଅନ୍ୟ କାମରେ ଲଗାଇ ରାସ୍ତାରେ ଗାଡ଼ି ରଖିଥାନ୍ତି। ଫଳରେ ରାସ୍ତାରେ ଯାତାୟତ କରୁଥିବା ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ ସମସ୍ୟା ନିତିଦିନ ଉପୁଜୁଛି। ସାଧାରଣ ଲୋକଙ୍କ ଯେଭଳି ସମସ୍ୟା ନହେବ ସେଥିପ୍ରତି ଏସଏମସି ଏହି ପଦକ୍ଷେପ ଗ୍ରହଣ କରିଛି। ବ୍ୟବସାୟିକ ଅନୁଷ୍ଠାନରେ ପାର୍କିଂଥିବା ସ୍ଥାନରେ ଗୋଦାମ ଗୃହ, ଅଫିସ କିମ୍ବା ଅନ୍ୟ କାମରେ ବ୍ୟବହାର ହେଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୋଦାମରେ ଥିବ ସାମଗ୍ରୀ ଜବତ କରାଯିବା ସହ ଅନୁଷ୍ଠାନକୁ ସିଲ୍ କରି ଦିଆଯିବା ନିୟମ ରହିଛି। ନିୟମ ଅନୁସାରେ ୩୦ରୁ ୪୦ ପ୍ରତିଶତ ଜମିରେ ପାର୍କିଂ କରିବାକୁ ନିର୍ଦ୍ଦେଶ ରହିଥାଏ। ଯଦି ସମସ୍ତ ଅନୁଷ୍ଠାନର ସହଯୋଗ ରହିବ ତାହା ହେଲେ ସହରରେ ଥିବା ପାର୍କିଂ ସମସ୍ୟା ନିଶ୍ଚିତ ଦୂର ହେବ ବୋଲି ଶ୍ରୀ ବେଦଭୂଷଣ କହିଛନ୍ତି।



ଏସ୍‌ଏମ୍‌ସି ଗାଡ଼ିରେ ଖଜୁରୀ ତୋଳୁଛନ୍ତି କର୍ମଚାରୀ। ଲାଇଟ୍ ମରାମତି ଚୁଲିକୁ...

## ଜିଲ୍ଲାରେ ଅଂଶୁଘାତରେ ପୁଣି ୨ ମୃତ୍ୟୁ ଅଭିଯୋଗ

**ସମ୍ବଲପୁର, ୧।୬(ସମିସ):** ସମ୍ବଲପୁର ଜିଲ୍ଲାରେ ଆଜି ମଧ୍ୟ ଦିନ ତମାମ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିଲା। ଅଶୁଂଘାତରେ ୨ ଜଣଙ୍କ ମତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ଯୁଯୁମୁରା ଥାନା ଡଙ୍ଗାପାଳ(ବାହାଡାପଡ଼ା)ର ନକୁଳ ମିର୍ଦ୍ଧା(୫୫)ଙ୍କ ଶନିବାର ମୃତ୍ୟୁ ଘଟିଛି। ଆଜି ନକୁଳ ଖାଇ ସାରି ଶୋଇଥିଲେ। ଦିନ ୨ଟା ବେଳେ ଉଠି ପାଣି ପିଉଥିବା ଅବସ୍ଥାରେ ସେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯୁଯୁମୁରା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅଶୁଂଘାତରେ ମୃତ୍ୟୁ ଘଟିଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି। ସେହିପରି ପୁଲିସ ପାଟ୍ରୋଲିଂ ଟିମ ଦୁର୍ଗାପାଲି କୁଷ୍ଠାପଡ଼ାରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ବୃଦ୍ଧଙ୍କ ପରିଚୟ ମିଳି ପାରି ନାହିଁ। ହେଲେ ଅଶୁଂଘାତ ଜନିତ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲରେ ରଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଥିବାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଲୋକମାନେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜାରି ଅଂଶୁଘାତ ଗାଇଡଲାଇନକୁ ମାନିବା ପାଇଁ ନିବେଦନ କରାଯାଇଛି। ପ୍ରତ୍ୟେକ ଦିନ ଅଂଶୁଘାତ ଦ୍ୱାରା ଅସୁସ୍ଥ ବ୍ୟକ୍ତି ହସ୍ପିଟାଲକୁ ଆସୁଛନ୍ତି। ଆଜି ୬୦ ଜଣ ଅସୁସ୍ଥ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ଜଣାଯାଇଛି। ଗତକାଲି ପର୍ଯ୍ୟନ୍ତ ୧୫୬ ଜଣ ଅସୁସ୍ଥ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଜଣାଯାଇଛି। ଅଂଶୁଘାତ ପାଇଁ ସତର୍କ ରହିବାକୁ ଜିଲ୍ଲାର ସମସ୍ତ ଡାକ୍ତରଖାନାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ଅଶଂଘାତ ପାଇଁ ସ୍ୱତନ୍ତ୍ର ଭାବେ ୮ ଗୋଟି ଶଯ୍ୟା ରହିଥିଲା। ଏବେ ତାହା ୧୫କୁ ବୃଦ୍ଧି କରାଯାଇଛି। ୨୪ ଘଣ୍ଟା ମେଡିକାଲରେ ଡାକ୍ତର ନିୟୋଜିତ ରହିଛନ୍ତି। ଜିଲ୍ଲାର ସମସ୍ତ ମେଡିକାଲରେ ଆବଶ୍ୟକୀୟ ମେଡିସିନ ପ୍ରସ୍ତୁତ ରଖାଯାଇଛି।

**୬୦ରୁ ଅଧିକ ଚିକିତ୍ସିତ**

### ଦାଦନ ଚାଲାଣ ବେଳେ ଦଲାଲ ଗିରଫ

## ୩ ନାବାଳିକା ସହ ୧୦ ଉଦ୍ଧାର

**ସମ୍ବଲପୁର, ୧।୬(ସମିସ):** ସମ୍ବଲପୁର ଯୁଯୁମୁରା ଥାନା ଜମଲୋଇ ଗ୍ରାମରୁ ଦାଦନ ଶ୍ରମିକ ଚାଲାଣ କରୁଥିବା ବେଳେ ପୁଲିସ ଦଲାଲଙ୍କୁ ଗିରଫ କରିଛି। ୩ ନାବାଳିକ ସହ ୧୦ ଜଣଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତ ଜରାସିଙ୍ଗା ଗ୍ରାମର ପ୍ରଶାନ୍ତ ଘିବିଲାଙ୍କୁ ଗିରଫ କରିଛି। ଅନ୍ୟ ୨ ଜଣଙ୍କୁ ପଚାଉଚୁରା କରି ଛାଡି ଦେଇଛି। ଆସନ୍ତାକାଲି ନାବାଳିକାଙ୍କୁ ଶିଶୁ ସୁରକ୍ଷା ସମିତି ପାଖରେ ଦାଖଲ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## କଳ୍ପତରୁ ଆଶ୍ରମରେ ଆଇସ୍‌କ୍ରିମ୍ ବଣ୍ଟନ

**ସମ୍ବଲପୁର, ୧।୬(ସମିସ):** ଗତ କିଛିଦିନ ଧରି ସମ୍ବଲପୁରରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଲୋକେ ଅଂଶୁଘାତର ଶିକାର ହେଉଛନ୍ତି। ଏଭଳି ସମୟରେ ସମ୍ବଲପୁର ମହାନଗର ସମାଜସେବୀଙ୍କ ତରଫରୁ ହୀରାକୁଦ କଳ୍ପତରୁ ଆଶ୍ରମର ଛୁଆମାନଙ୍କୁ ଅସହ୍ୟ ଗରମରେ ଆଇସକ୍ରିମ ପାର୍ଟି ଦିଆଯାଇଛି। ସମାଜସେବୀ ହରଦୀପ ସିଂହ ଭୂର୍ଜୀ (ବବି ସିଂହ)ଙ୍କ ସୌଜନ୍ୟରେ ଶନିବାର ସନ୍ଧ୍ୟାରେ ହୀରାକୁଦ କଳ୍ପତରୁ ଅନାଥ ଆଶ୍ରମ (କଳ୍ପତରୁ ବିଦ୍ୟାପୀଠ) ର ଛୋଟଛୋଟ ପିଲାମାନଙ୍କ ସହ କିଛି ସମୟ ବିତାଇଥିଲେ ସମାଜସେବୀ। ତାଙ୍କର ସୁଖଦୁଃଖ ଓ ସୁବିଧା ଅସୁବିଧା ବୁଝିଥିଲେ ଓ ତାଙ୍କୁ କିଛି ମିଷ୍ଟାନ୍ନ ଓ ଆଇସକ୍ରିମ ବାଣ୍ଟିଥିଲେ। ଆଶ୍ରମର ଛୋଟଛୁଆ ମାନଙ୍କ ସହିତ କିଛି ସମୟ ବିତାଇଥିବାରୁ ଆନନ୍ଦ ଅନୁଭବ କରୁଥିବା କହିଥିଲେ ସମାଜସେବୀ। ଏହି କାର୍ଯ୍ୟକ୍ରମରେ ଆଇନଜୀବି ପ୍ରଫୁଲ୍ଲ କୁମାର ଦାଶ, ସବିନୟ ପୂଜାରୀ, ସମାଜସେବୀ ସତ୍ୟେନ୍ଦ୍ର ଦାଶ, ପ୍ରଶାନ୍ତ ନାୟକ, ବିଶ୍ୱାମିତ୍ର ସାହୁ, ହରୀହର ପାଣି, ବିନୋଦ ନାଗ, ସୋନୁ ସିଂ, ହରେକୃଷ୍ଣ ସରାଫ, ମହିଳା ନେତ୍ରୀ ରେଣୁବାଳା ମରାଇ, ଅଙ୍କିତା ଭୋଇ ଆଦି ସାମାଜିକ କର୍ମୀ ତଥା ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଭୋଟ୍ ଫଳାଫଳକୁ ନେଇ ସମ୍ବଲପୁର ସଟ୍ଟା ବଜାର ସରଗରମ

**ସମ୍ବଲପୁର, ୧।୬(ସମିସ):** ଦେଶରେ ଆଜି ସାଧାରର ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଜୁନ ୪ ତାରିଖ ଫଳ ପ୍ରକାଶ ପାଇବ। ଆଜିଠାରୁ ବିଭିନ୍ନ ଗଣମାଧ୍ୟମରେ ବିଭିନ୍ନ ଦଳ ବିଜୟ ପରାଜୟର ପୂର୍ବାନୁମାନ ଓ ଆକଳନ ରିର୍ପୋଟକୁ ପ୍ରସାରଣ କରାଯାଉଛି। ସାମାଜିକ ଗଣ ମାଧ୍ୟମରେ ମଧ୍ୟ ପ୍ରଚାର ହେଉଛି। ଏହା ସହ ଚର୍ଚ୍ଚା ହେଉଥିବା କେଉଁ ଦଳ ଓ ନେତାଙ୍କ ବିଜୟ ପରାଜୟ, କେତେ ଭୋଟ ବ୍ୟବଧାନ ବିଜୟ ପରାଜୟ, ଏଭଳି ଅଙ୍କକଷାକୁ ନେଇ ଏବେ ସଟ୍ଟା ବଜାର ସରଗରମ ହୋଇଯାଇଛି। ଛୋଟ ହେଉକି ବଡ଼ ନିଜ ସମର୍ଥିତ ଓ ଦଳ ବିଜୟ ଆଶା ନେଇ ଲୋକମାନେ ବାଜି ଲଗାଉଛନ୍ତି। ସମ୍ବଲପୁର ଜିଲ୍ଲାରେ ଏହାର ଉଷ୍ମତା ଦେଖିବାକୁ ମିଳିଛି। ଏହି ସଟ୍ଟାରେ ଲକ୍ଷାଧିକ ଟଙ୍କା ବାଜି ଲଗାଉଥିବା ଚର୍ଚ୍ଚା ହେଉଛି। କେନ୍ଦ୍ରରେ କିଏ ସରକାର ଗଠନ କରିବ, କେଉଁ ଦଳ କେତେ ଆସନ ପାଇବ ତାହାକୁ ନେଇ ସଟ୍ଟା ବଜାର ସରଗରମ ରହିଛି। ଦେଶରେ ମୋଟ ଲୋକସଭା ଆସନ ମଧ୍ୟରୁ ବିଜେପି ଖାତାରେ କେତେ କଂଗ୍ରେସ ମେଣ୍ଟ



ଦଳକୁ କେତେ ମିଳିବ ତାହା ବାଜିରେ ରହୁଛି। ସେହିପରି ରାଜ୍ୟରେ ବିଜେଡି, ବିଜେପି, କଂଗ୍ରେସ ପ୍ରମୁଖ ଦଳକୁ ନେଇ ଖେଳ ଚାଲିଥିବା ଜଣାପଡ଼ିଛି। କାହା ହାତରେ କେତେ ସିଟ ଯିବ ଟିଭିରେ ପୂର୍ବାନୁମାନ ଦେଖି ଆକଳନ କରି ବାଜି ଲଗାଇଛନ୍ତି। ନିର୍ବାଚନ ପରେ ପରେ ଏହି ସଟ୍ଟାବଜାର ଆରମ୍ଭ ହୋଇଥିବା ବେଳେ ଆଜି ଠାରୁ ଏହା ଯୋରସୋର ଆରମ୍ଭ ହୋଇଛି। ସମ୍ବଲପୁର ସଟ୍ଟା ବ୍ୟବସାୟୀଙ୍କ ରାଜ୍ୟ ବାହାର କଲିକତା ମୁମ୍ବାଇ ଭଳି ସଟ୍ଟା ଡନ ସହ ସମ୍ପର୍କ ରହିଛି। ଏଠାରେ ପ୍ରତି ଗଳି, ପଡ଼ା, ଚା ଦୋକାନ, ପାନ ଦୋକାନ ସହିତ କିଛି କ୍ଲବରେ ସଟ୍ଟା ଖେଳ ଚାଲିଛି। ପ୍ରାର୍ଥୀଙ୍କ ଲୋକପ୍ରିୟତା, ସମାବେଶ, ଦଳର ଶକ୍ତି ସହ ନିର୍ବାଚନକୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରସଙ୍ଗ ଓ କାରଣ ଆଧାରରେ ସଟ୍ଟାବଜାରରେ ମୂଲ୍ୟ ଉପର ତଳ ହେଉଛି। ଅଞ୍ଚଳର ତଥ୍ୟ ଆଧାରରେ ସଟ୍ଟାର ଦର ନିର୍ଦ୍ଧାରଣ କରାଯାଉଛି। ପ୍ରାର୍ଥୀଙ୍କ ବିଜୟ ଓ ପରାଜୟ ସମ୍ଭାବନା, ସାର୍ବଜନୀନ ଛବି, ସମର୍ଥନ, ଜାତି ଆଧାରିତ ସମର୍ଥନ ଆଦି ସଟ୍ଟା ବଜାରର ମୂଲ୍ୟକୁ ପ୍ରଭାବିତ କରିଥାଏ ବୋଲି ଜଣେ ବ୍ୟକ୍ତି କହିଛନ୍ତି।

## ସମ୍ବଲପୁର ଆକାଶବାଣୀରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସମ୍ବଲପୁର, ୧।୬(ସମିସ):** ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଅଭିଯାନ୍ତ୍ରିକା ଉପନିର୍ଦ୍ଦେଶକ ରମେଶ ଚନ୍ଦ୍ର ଭୋଇଙ୍କୁ ଆକାଶବାଣୀ ରିକ୍ରିଏସନ୍ କ୍ଲବ ଦ୍ୱାରା ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଅଭିଯାନ୍ତ୍ରିକା ସହାୟକ ଭାବରେ ରମେଶ ଆକାଶବାଣୀ କଲିକତା କେନ୍ଦ୍ରରୁ ୧୯୮୮ ମସିହାରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୬ ବର୍ଷର ଚାକିରୀକାଳ ଭିତରେ ସେ ଉଭୟ ଆକାଶବାଣୀ ଏବଂ ଦୂରଦର୍ଶନ କେନ୍ଦ୍ର ଯଥା କେନ୍ଦୁଝର, ସମ୍ବଲପୁର, ଦେବଗଡ଼, ଭବାନୀପାଟନା, ବ୍ରହ୍ମପୁର, ଗୌହାଟି ଏବଂ ପରିଶେଷରେ ଆକାଶବାଣୀ, ସମ୍ବଲପୁର କେନ୍ଦ୍ରରେ ଅବସ୍ଥାପିତ ହୋଇ କାର୍ଯ୍ୟ କରିଥିଲେ। ଆକାଶବାଣୀ ରିକ୍ରିଏସନ୍ କ୍ଲବ ଦ୍ୱାରା ଆୟୋଜିତ ସଭାରେ ଭୋଇଙ୍କୁ ଦୂରଦର୍ଶନ କେନ୍ଦ୍ରର ଅଭିଯାନ୍ତ୍ରିକୀ ସହାୟକ ନିର୍ଦ୍ଦେଶକ ତଥା ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ଅଭିଯାନ୍ତ୍ରିକୀ ମୁଖ୍ୟ ପିକେ ମିଶ୍ର ଏବଂ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଜୀ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥି ବୃନ୍ଦ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସନ୍ତୋଷ ପିଙ୍ଗ, କୁନାଲ ମହାପାତ୍ର, ପ୍ରବୀଣ କୁମାର ଖାଡ଼ିଆ, ମାଲିକ ମୁଣ୍ଡା ପ୍ରମୁଖ ଅବସରଗ୍ରହଣ କରିଥିବା ରମେଶ ଭୋଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆକାଶବାଣୀ ରିକ୍ରିଏସନ କ୍ଲବର ସମ୍ପାଦକ କ୍ଷେତ୍ରମଣୀ ବିଭାର ସଭା ପରିଚାଳନା କରିଥିଲେ। କୈବର୍ତ୍ତ ସାହୁ, ଜ୍ୟୋତିପ୍ରକାଶ ମିଶ୍ର, ବିଜୟ କୁମାର ବେହେରା, ପ୍ରକାଶ ଚନ୍ଦ୍ର ଛତ୍ରିଆ, ରବୀନ୍ଦ୍ର କୁମାର ବାର୍ଲା, ଦୀପକ ଓରାମ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




# ଖରାଦିନିଆ ଫଳ ଓ ପାନୀୟର ଚାହିଦା ବଢୁଛି







ସମ୍ବଲପୁର, ୧।୬(ସମିସ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଲାଗି ରହିଥିଲା। ଅବଶ୍ୟ ରାତିରେ ପ୍ରବଳ ବର୍ଷା ଝଡ ତୋଫାନ ହୋଇ ପରିବେଶ ଶାନ୍ତ ପଡ଼ିଥିଲା। ଲୋକମାନେ ଗରମରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି। ଏହି ଗରମ ସମୟରେ ଥଣ୍ଡା ପନୀୟ, ଲସି, ବେଲପଣା ପିଇବାକୁ ବଜାରେ ଅନେକ ଥଣ୍ଡା ପାନୀୟ ଓ ଫଳ ଦୋକାନ ଖୋଲିଛି। ଏହା ସହ ତରଭୂଜ, ଲିଚି, ଆମ୍ବ, ଲେମ୍ବୁ, ସପୁରି ଆଦି ଫଳର ଚାହିଦା ବୃଦ୍ଧି ପାଇଛି। ତେଣୁ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ଏବେ ଖରାଦିନିଆ ଖାଦ୍ୟ ପାନୀୟର ପସରା ମେଲିଛି। ଜେଲଛକ, ଅଇଁଠାପାଲି ଛକ, ଲକ୍ଷ୍ମିଟକିଜ ଛକ, ଗୋଲବଜାର, ଧନୁପାଲି, କଚେରୀ ଛକ, ଜିଲ୍ଲା ସ୍କୁଲଛକ ସହର ପ୍ରାୟ ସବୁ ରାସ୍ତା କଡ଼ରେ ପସରା ଓ ଠେଲା ଗୁଡିକ ରହିଛି। ଅସହ୍ୟ ଗରମ ସହ ମୁକାବିଲା କରିବା ପାଇଁ ଏହି ପସରା ଗୁଡିକରେ ଭିଡ ଲାଗି ରହୁଥିବା ବେଳେ ବିକ୍ରିର ମାତ୍ରା ବୃଦ୍ଧି ପାଉଛି। ବିଭିନ୍ନ ଥଣ୍ଡା ପାନୀୟ କେଉଁଠି ମାଟିହାଣ୍ଡିରେ ଲସି ମିଳୁଛି। ଆଉ କେଉଁଠି ଗୁଡ ବେଲପଣା, ଲେମ୍ବୁ ପାଣି, ସୋଢା ପାଣି, ଆଖୁରସ, ତାଳସଜ ବିକ୍ରି ହେଉଛି। ରାସ୍ତାକଡ ଦୋକାନ ଓ ବଡ଼ ଦୋକାନରେ ଲସି ପ୍ରସ୍ତୁତ କରି ମାଟିପାତ୍ରରେ ବିକ୍ରି କରାଯାଉଛି। ଗୋଟିଏ ଗ୍ଲାସ ଲସିର ଦାମ ୩୦ ଟଙ୍କାରୁ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବର୍ଷତମାମ ସହରର ରାସ୍ତାକଡ଼ରେ ବସି ବ୍ୟବସାୟୀ ମାନେ ଯେତେ ଟଙ୍କା ବ୍ୟବସାୟ କରନ୍ତି ନାହିଁ। ଖରା ଦୁଇ ମାସରେ ତାଙ୍କର ଭଲ ବ୍ୟବସାୟ ହୋଇଥାଏ ବୋଲି କୁହନ୍ତି। ବାହାର ରାଜ୍ୟରୁ ଆସି ମଧ ବ୍ୟବସାୟୀ ମାନେ ରାସ୍ତା କଡ଼ରେ ପସରା ଖୋଲିଛନ୍ତି। ଆଖୁରସକୁ ଗ୍ଲାସ୍ ପିଛା ୨୦ ଟଙ୍କାରେ ବିକ୍ରି କରୁଛନ୍ତି। ଭଲ ବ୍ୟବସାୟ ହେଉଛି ବୋଲି ବେପାରୀ କହୁଛନ୍ତି। ଖଟାମିଠା ଆମ୍ବ ସର୍ବତ ମଧ ଅନେକ ସ୍ଥାନରେ ବିକ୍ରି ହେଉଛି। ସର୍ବତ ପିଇବାକୁ ପ୍ରତିଦିନ ସକାଳ ୧୦ଟା ହେଲେ ଲୋକଙ୍କ ଭିଡ଼ ଜମୁଛି। ବଜାରରେ ଆମ୍ବର ଚାହିଦା ବୃଦ୍ଧି ପାଇଛି। ବିଭିନ୍ନ ପ୍ରଜାତିର ଆମ୍ବ ବିକ୍ରି ହେଉଛି। ବର୍ଷ ତମାମ ଆମ୍ବ ବଜାରରେ ମିଳୁଥିଲେ ମଧ ଖରା ଦିନରେ ଆମ୍ବ ଖାଇବାର ମଜା ଭିନ୍ନ ବୋଲି ଗ୍ରାହକ ମାନେ କହୁଛନ୍ତି। ଖରାକୁ ନଜରରେ ରଖି ସହରରେ ତରଭୁଜର ବିକ୍ରି ବଢ଼ି ଚାଲିଛି। ତରଭୂଜ ୨୦ ଟଙ୍କା ରହିଛି। ଏହି ଖରାଦିନିଆ ଫଳରେ ପାନୀୟ ଜଳ ଅଂଶ ଅଧିକ ରହିଥାଏ। ତେଣୁ ଲୋକମାନେ ଖାଇବା ପାଇଁ ପସନ୍ଦ କରନ୍ତି। ଏହା ସହ ସ୍ୱାସ୍ଥ୍ୟ ପାଇଁ ହୀତକାରକ ବୋଲି ଡାକ୍ତର ମାନେ ଖାଇବାକୁ ପରାମର୍ଶ ଦିଅନ୍ତି। ଅନ୍ୟପଟେ ମୃଦୁ ପାନୀୟ ଅତ୍ୟଧିକ ପିଇଲେ ସ୍ୱାସ୍ଥ୍ୟପ୍ରତି ହାନିକାରକ ବୋଲି ମଧ ଡାକ୍ତରମାନେ ମତ ଦିଅନ୍ତି। ତାପମାତ୍ରା ବୃଦ୍ଧି କାରଣରୁ ଲୋକମାନେ ଏବେ ଥଣ୍ଡା ପାନୀୟ ପିଇବାକୁ ପସନ୍ଦ କରୁଛନ୍ତି। ବଜାରରେ ମିଳୁଥିବା ଜୁସ୍‌ରେ ଗୁଡ଼ିକରେ ଅଧିକ ଏସିଡ୍ ଓ ସୁଗର୍ ରହିଛି। ତାକୁ ପିଇଲେ ଅସ୍ଥି ଓ ଗଣ୍ଠି ଉପରେ କୁପ୍ରଭାବ ପଡ଼ିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ କୁହନ୍ତି। କ୍ୟାଲସିୟମ୍ ଓ ଫସ୍‌ଫରସ୍‌ର ଅନୁପାତକୁ ବିଗାଡି ଦେଇଥାଏ ବୋଲି କୁହାଯାଏ। ଚିନିର ପରିମାଣ ଅଧିକ କୋଲେଷ୍ଟ୍ରଲକୁ ବ୍ୟଦ୍ଧି କରେ। ବହୁ ଦୋକାନୀ ବରଫକୁ ପରିସ୍କାର ପରିଚ୍ଛନ୍ନ ନକରି ଏଥିରେ ପାନୀୟ ତିଆରି କରୁଥିବାରୁ ଏହା ମଧ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ।